## ଡାକ ସେବକଙ୍କୁ ମାଡ଼ ଅଭିଯୋଗ

**ରାଉରକେଲା, ୧୦।୧(ସମିସ):** ସରକାରୀ ଚିଠି ଦେବାକୁ ଯାଇଥିବା ଜଣେ ବୃଦ୍ଧ ଗ୍ରାମୀଣ ଡାକ ସେବକଙ୍କୁ ଆଇଡିସି ସ୍ଥିତ ଡିଡି.ଆଇରନ୍ କାରଖାନାର ଜଣେ କର୍ମଚାରୀ ମାଡ଼ ମାରି ଆହତ କରିଥିବା ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, କଲୁଙ୍ଗା ଗ୍ରାମୀଣ ଡାକ ସେବକ ଭାବେ ମୀନମୋହନ ନାୟକ (୬୫) କାର୍ଯ୍ୟ କରନ୍ତି। ସେ ଶୁକ୍ରବାର ଆଇଡିସି ସ୍ଥିତ ଡିଡି ଆଇରନ କାରଖାନାର ଏକ ସରକାରୀ ଚିଠିକୁ ଦେବାକୁ ଯାଇଥିଲେ। ଗେଟ୍‌ରେ କାର୍ଯ୍ୟରତ କାରଖାନା କର୍ମଚାରୀ ଚିଣ୍ଟୁ ବାରିକ ଭିତରକୁ ପ୍ରବେଶ କରିବାକୁ ନ ଦେଇ ସେଠାରେ ଉକ୍ତ ଚିଠିକୁ ଦେବାକୁ କହିଥିଲେ। ହେଲେ ମୀନ ସରକାରୀ ଚିଠି ହୋଇଥିବାରୁ ମାଲିକଙ୍କ ସିଲ ନ ହେଲେ ଦେଇ ହେବ ନାହିଁ କହି ଭିତରକୁ ପ୍ରବେଶ କରିଥିଲେ। କାମ ସାରି ବାହାରକୁ ଆସିବା କ୍ଷଣି ଚିଣ୍ଟୁ ତାଙ୍କୁ ମାଡ଼ ମାରି ଆହତ କରିଥିଲେ। ଆହତ ଡାକ କର୍ମଚାରୀଙ୍କ ଏତାଲାକୁ ନେଇ ମାମଲା ରୁଜୁ କରିବା ସହ ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ ଓଏସ୍ଆର୍‌ଟିସି ଏସିବସ୍ ବନ୍ଦ

ରାଉରକେଲା, ୧୦।୧(ସମିସ)



ରାଉରକେଲାରୁ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରକୁ ଶୁଭାରମ୍ଭ ହୋଇଥିବା ଓଏସ୍ଆରଟିସିର ଏକମାତ୍ର ଶୀତତାପ ନିୟନ୍ତ୍ରିତ ବସ୍ ଆଜକୁ ଆଠ ଦିନହେବ ବନ୍ଦ ରହିଛି। ଯାହାକୁ ନେଇ ରାଉରକେଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସୂଚନାଯୋଗ୍ୟ ଯେ ରାଉରକେଲାରୁ କେନ୍ଦୁଝରକୁ ସିଧାସଳଖ ବସ୍ ନ ଥିବା ବେଳେ କେବଳ ସକାଳ ସାଢ଼େ ୫ଟାରେ ଓଏସ୍ଆରଟିସିର ଏକ ଛୋଟ ସରକାରୀ ବସ୍ ଚଳାଚଳ କରୁଥିଲା। ଆଉ ଯେଉଁସବୁ ବସ ରାଇରଙ୍ଗପୁର ବାରିପଦାକୁ ଯାଉଥିଲା ସେଥିରେ ରାଉରକେଲାରୁ ଲୋକମାନେ କେନ୍ଦୁଝର ଯାଉଥିଲେ। ମାତ୍ର ରାଉରକେଲାରୁ କେନ୍ଦୁଝରକୁ ରାତ୍ରିକାଳୀନ କୌଣସି ଗୋଟିଏ ବି ବସ୍ ଚଳାଚଳ କରୁ ନ ଥିବାରୁ ଲୋକମାନେ ଏହି ସୁବିଧା ପାଇ ପାରୁ ନ ଥିଲେ। ଶୀତତାପ ନିୟନ୍ତ୍ରିତ ବସ୍ ନ ଥିବାରୁ ରାଉରକେଲାରୁ କେନ୍ଦୁଝରକୁ ଆରାମଦାୟକ ଯାତ୍ରା କରି ନ ପାରି ଲେକମାନେ ହଇରାଣ ହେଉଥିଲେ। ଏସବୁର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତତ୍କାଳୀନ ବିଜେଡି ରାଜ୍ୟ ସରକାର ରାଉରକେଲାରୁ କେନ୍ଦୁଝରକୁ ଓଏସ୍ଆରଟିସିର ଏକ ଶୀତତାପ ନିୟନ୍ତ୍ରିତ ବସ୍ ଚଳାଚଳର ଶୁଭାରମ୍ଭ କରିଥିଲେ। ଯାହାକି ସନ୍ଧ୍ୟା ୫ଟାରୁ ରାଉରକେଲାରୁ ଛାଡୁଥିଲା। ଶୀତତାପ ନିୟନ୍ତ୍ରିତ ବସ୍ ସାଙ୍ଗକୁ ରାତ୍ରିକାଳିନ ବସ୍ ଯାତ୍ରାର ସୁବିଧା ପାଇ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ତେବେ ଉକ୍ତ ବସ୍‌କୁ ଏବେକାର ବିଜେପି ସରକାର ଗତ ଆଠ ଦିନ ତଳେ ହଠାତ୍ ବନ୍ଦ କରି ଦେଇଥିବା ଜଣାପଡ଼ିଛି। ବିଶେଷ କରି କେନ୍ଦୁଝର ଜିଲ୍ଲା ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଜିଲ୍ଲା ହୋଇଥିବା ବେଳେ ଉକ୍ତ ଜିଲ୍ଲାକୁ ରାଉରକେଲାରୁ ଚାଲୁଥିବା ଏକମାତ୍ର ଶୀତତାପ ନିୟନ୍ତ୍ରିତ ବସ୍ ଚଳାଚଳକୁ ହଠାତ୍ ରାଜ୍ୟ ସରକାର ବନ୍ଦ କରି ରାଉରକେଲାବାସୀଙ୍କ ମନରେ ଆଘାତ ଦେଇଛି। ଏହି ବସ୍ ବନ୍ଦ ହେବାପଛରେ କାହାର ସ୍ୱାର୍ଥ ସାଧନ ହେଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଲୋକଙ୍କ ମଧ୍ୟରେ ମଧ୍ୟ ଜନଅସନ୍ତୋଷ ଦେଖା ଦେଇଛି।

## ବିଭିନ୍ନ ସ୍ଥାନରେ ଦିଲୀପ ରାୟଙ୍କ ଜନ୍ମଦିନ ପାଳିତ

### ମଧୁସୂଦନ ପାଠାଗାର



**ରାଉରକେଲା, ୧୦।୧(ସମିସ):** ସ୍ଥାନୀୟ ଛେଣ୍ଡ ୱେଲଫେୟାର କମିଟି ଓ ମଧୁସୂଦନ ପାଠାଗାରର ମୁଖ୍ୟ ପୃଷ୍ଠପୋଷକ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ୭୨ତମ ଜନ୍ମଦିନ ମଧୁସୂଦନ ପାଠାଗାର ପରିସରରେ ପାଳିତ ହୋଇଛି। ଏହି ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଏକ ବିରାଟ ତୈଳଚିତ୍ରକୁ ସମାଜସେବୀ ହରିହର ରାଉତରାୟ ଉନ୍ମୋଚନ କରିଥିଲେ। ଏହି ଅବସରରେ ସମ୍ପାଦକ ବିଜୟ କୁମାର ବରାଳଙ୍କ ତତ୍ତ୍ୱାବଧାନରେ ଦିଲୀପ ରାୟଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବ୍ରଜକିଶୋର ପାଣି, ନିରଞ୍ଜନ ପ୍ରଧାନ, ରାଖାଲ ମହାନ୍ତି, ଜୟରାମ ସାମଲ, ଯୋଗେଶ୍ୱର ପ୍ରଧାନ, ସୁବାସ ମହାପାତ୍ର, ସଞ୍ଜୀବ ବେହେରା, ପ୍ରଭାକର ନାୟକ, ପ୍ରବୋଧ ସାହୁ, ନିତ୍ୟାନନ୍ଦ ପଟ୍ଟନାୟକ, ସମୀର ପଣ୍ଡା, ପ୍ରକାଶ ମହାନ୍ତି, ଜଗଦିଶ ପ୍ରହରାଜ, ପରମେଶ୍ୱର ମହାରଣା, ବାଲୁଙ୍କେଶ୍ୱର ପାତ୍ର, ରମେଶ ସିଂହ, ରବିନାରାୟଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ହନୁମାନ ବାଟିକାରେ ବିଶେଷ କାର୍ଯ୍ୟକ୍ରମ



ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ୭୨ତମ ଜନ୍ମଦିନ ପାଳନ ଅବସରରେ ହନୁମାନ ବାଟିକା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ ପଦାଧିକାରୀଙ୍କ ସମେତ ରୋଟାରୀ କ୍ଲବ, ରାଉରକେଲା ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି, ବ୍ରାହ୍ମଣ କଲ୍ୟାଣ ସଭା, ଲାୟନ୍ସ କ୍ଲବ ଅଫ୍ ରାଉରକେଲା, ମାରୱାଡି ଯୁବ ମଞ୍ଚ, ରାଜସ୍ଥାନ ପରିଷଦ, ବିହାର ସାଂସ୍କୃତିକ ପରିଷଦ, ତ୍ରିଶକ୍ତି ଧାମର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ହନୁମାନ ବାଟିକା ଟ୍ରଷ୍ଟର ଟ୍ରଷ୍ଟି ଡକ୍ଟର ସାଜନ ଅଗ୍ରୱାଲ, ଓମପ୍ରକାଶ ଗୁପ୍ତା, ଗଣେଶ ବାଗେଡ଼ିଆ, ଏମ୍ ଦିନଙ୍କର, ହନୁମାନ ବାଟିକା ଟ୍ରଷ୍ଟର ସାଧାରଣ ସମ୍ପାଦକ ଶୁଭ ପଟ୍ଟନାୟକ, ପ୍ରମୋଦ କୁମାର ନତୁଲ୍ୟ, ଆର୍ ପି ଗୁପ୍ତା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

## ପୋଖରୀରେ ବୁଡ଼ି ପୁଲିସ୍ କନେଷ୍ଟବଳ ମୃତ

**ବଣାଇଁ, ୧୦।୧(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ରୁଗୁଡ଼ା ଗ୍ରାମପୋଖରୀରେ ବୁଡ଼ି ଜଣେ ପୁଲିସ କନଷ୍ଟେବଳଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ମହୁଲପଦା ଥାନାରେ କାର୍ଯ୍ୟକରୁଥିବା ରୁଗୁଡା ଗ୍ରାମର ରାଜେଶ କୁମାର ପ୍ରଧାନ (୪୩) ଶୁକ୍ରବାର ମଧ୍ୟାହ୍ନରେ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରୀରେ ପଶି ବୁଡ଼ ପକାଇବା ପରେ ଅନେକ ସମୟ ଧରି ଆଉ ପାଣିରୁ ବାହାରି ନ ଥିଲେ। ଏହା ଦେଖି ନିକଟରେ ଗାଧୋଉ ଥିବା ଲୋକେ ପାଣିରେ ପଶି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ବଣାଇଁ ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ପାଚିକା ତଥା ସହାୟିକା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ରାଉରକେଲା, ୧୦।୧(ସମିସ):** ସ୍ଥାନୀୟ ସେକ୍ଟର ୧ ସ୍ଥିତ ଡିଭାଇନ୍ ଲାଇଫ୍ ଏକାଡେମି ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଏକଦିବସୀୟ ପାଚିକା ତଥା ସହାୟିକାମାନଙ୍କର ପ୍ରଶିକ୍ଷଣ ଶିବିର ବିଶ୍ରା ବ୍ଲକର ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ବିଶ୍ରା ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଆରତୀ ପ୍ରଧାନ, ଡାଟାଏଣ୍ଟ୍ରି ଅପରେଟର (ମଧ୍ୟାହ୍ନ ଭୋଜନ) ନମିତା ଘୁଘର ଏବଂ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଶିବିରରେ ଆରଇସି ଓ ଆରପିଏଲ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପାଚିକା ତଥା ସହାୟିକାମାନେ ଯୋଗ ଦେଇଥିଲେ। ପାଚିକା ତଥା ସହାୟିକାମାନେ ପିଲାମାନଙ୍କ ଉଦ୍ଦେଶ୍ୟରେ ଘରେ ଏକ ପ୍ରକାରର ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରସ୍ତୁତ କରି ପ୍ରଶିକ୍ଷଣ ଶିବିରକୁ ଆଣିଥିଲେ ଓ ପ୍ରତିଯୋଗିତାରେ ଭାଗ ନେଇଥିଲେ।ଏହି ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ମଲ୍ଲିକ୍ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରୀତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏମ୍ଆଇଏସ କୋଡିନେଟର ମନୋଜ ଆଚାର୍ଯ୍ୟ ଯୋଗଦେଇ ପିଲାମାନଙ୍କର ମଧ୍ୟାହ୍ନଭୋଜନ ସମୟରେ ପାଚିକାମାନେ କିପରି ପରିଷ୍କାର ପରିଚ୍ଛନ୍ନ ପ୍ରତି ଯତ୍ନ ନେବେ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ସିପ୍ରା ସାହୁ ଓ ସନ୍ଧ୍ୟାସ୍ୱାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନମିତା ଘୁଘର ସମସ୍ତ ପାଚିକା ତଥା ସହାୟିକାମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।

## 'ଆର୍‌ସିଏଫ୍ ଏକ୍ସପର୍ଟ' ସିମେଣ୍ଟ ରେଞ୍ଜ ଉନ୍ମୋଚିତ




**ରାଉରକେଲା, ୧୦।୧(ସମିସ):** ସିମେଣ୍ଟ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) 'ରୁଫ୍, କଲମ, ଫାଉଣ୍ଡେସନ (ଆରସିଏଫ) ଏକ୍ସପର୍ଟ' ବ୍ରାଣ୍ଡ ଅବସ୍ଥିତି ଅଧୀନରେ ଏହାର ସଦ୍ୟତମ ସିମେଣ୍ଟ ବର୍ଗମାଳାକୁ ଭାରତର ସମସ୍ତ ପ୍ରମୁଖ ବଜାରରେ ଉନ୍ମୋଚନ କରିଛି। ଏଥିରେ ହାଇରିଆକ୍ଟିଭ ସିଲିକା ଏବଂ ପୋର୍ ରିଡକ୍ସନ ଟେକ୍ନୋଲୋଜି (ପିଆରଟି)ର ଏନ୍‌ବିଟି ସମ୍ମିଶ୍ରିତ ରହିଛି। ଯାହା ମଜଭୁତ ଛାତ, କଲମ୍ ଏବଂ ମୂଳଦୁଆ ନିମନ୍ତେ ସର୍ବୋଚ୍ଚସ୍ତରର ଶକ୍ତି ଓ ଦୀର୍ଘସ୍ଥାୟିତ୍ୱ ପ୍ରଦାନ କରୁଛି। ଉତ୍ପାଦ ଉନ୍ମୋଚନ କାର୍ଯ୍ୟକ୍ରମ ଡାଲମିଆ ସିମେଣ୍ଟର ରାଷ୍ଟ୍ରବ୍ୟାପୀ ରହିଥିବା ୫୦୦୦୦ରୁ ଅଧିକ ଚ୍ୟାନେଲ ପାର୍ଟନରଙ୍କ ସମର୍ଥନରେ ଆୟୋଜିତ ହୋଇଥିବାବେଳେ ଏଥିରେ ପ୍ରମୁଖ ଡିଲର, ଠିକାଦାର ଏବଂ ରାଜମିସ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ



**ବଣାଇଁ, ୧୦।୧(ସମିସ):** ବଣାଇଁଗଡ଼ ପୁଲିସ ଏବଂ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ବଣାଇଁଠାରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ସହରର ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ଛକଠାରୁ ବଣାଇଁ କଚେରି ଛକ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ବାହାର କରାଯାଇଥିଲା। ଏହାକୁ ବଣାଇଁର ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ ଏବଂ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବିଭବାନନ୍ଦ ସାମନ୍ତସିଂରାୟ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ବଣାଇଗଡ଼ ସହର ପରିକ୍ରମା କରି ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ଛକ ପରିସରରେ ପହଞ୍ଚିବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସାମନ୍ତସିଂରାୟ, ଏମ୍‌ଭିଆଇ ମାନସ ରଞ୍ଜନ ପୃଷ୍ଟି, ଟ୍ରାଫିକ୍ ଅଧିକାରୀ ସୁଧୀର ଖାଲକୋ, ଜୁନିଅର ଏମ୍‌ଭିଆଇ ଟି. ସୌରଭ, ଡ୍ରାଇଭିଂ ଟ୍ରେନିଂ ଅନୁଷ୍ଠାନର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଉପାଧ୍ୟକ୍ଷ ବିଦେଶୀ କୁମାର ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଚାଳକମାନେ କିପରି ସୁରକ୍ଷିତ ଭାବେ ଗାଡ଼ି ଚାଳନା କରିବେ, ଗାଡ଼ି ଚାଳନା ସମୟରେ ମଦ୍ୟପାନ କରିବେ ନାହିଁ, ସଡକରେ ଲାଗି ଥିବା ସୂଚନା ଫଳକର ସୂଚନା ପାଳନ କରିବେ, ହେଲମେଟ୍ ଏବଂ ସିଟବେଲଟ୍ ବ୍ୟବହାର କରିବେ ସେ ନେଇ ସଚେତନତା କରାଯାଇଥିଲା।

## ବିଜେଡି ନେତାଙ୍କ ପିତୃ ବିୟୋଗ

**ରାଉରକେଲା, ୧୦।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲକ୍ଷେଘର ସମାଜର ସଭାପତି ତଥା ବିଜେଡି ନେତା ସମାଜସେବୀ ପ୍ରଫୁଲ୍ଲ କୁମାର ସୁନ୍ୟାନିଙ୍କର ପିତା ପୂର୍ଣ୍ଣଚନ୍ଦ୍ର ସୁନ୍ୟାନିଙ୍କର ସୁନ୍ଦରଗଡ଼ ଜିଲ୍ଲା ଅଧୀନ ରଙ୍ଗାଡିପାସ୍ଥିତ ତାଙ୍କ ନିଜ ପୁରୁଣା ବାସଭବନଠାରେ ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ହୋଇଥିଲା। ସୁନ୍ଦରଗଡ଼ସ୍ଥିତ ଦରବାରଘାଟ ଶ୍ମଶାନ ଘାଟରେ ଆଜି ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ତାଙ୍କପୁତ୍ର ପ୍ରଫୁଲ ସୁନ୍ୟାନି ମୁଖାଗ୍ନି ଦେଇଥିଲେ। ତାଙ୍କ ଦେହାନ୍ତ ଖବରପାଇ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ,



ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପୂର୍ବତନ ମନ୍ତ୍ରୀ କିଶୋରଚନ୍ଦ୍ର ପଟେଲ, ରାଜକିଶୋର ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ରାଜନେତାମାନେ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ସୁନ୍ୟାନିଙ୍କର ଅନ୍ତିମ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ ରାଉରକେଲା ତଥା ରଘୁନାଥପାଲୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଜଣାଶୁଣା ଚେହେରା ଭାବେ ପରିଚିତ ପ୍ରଫୁଲ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ରହିବା ସହ ପୂର୍ବରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇଥିଲେ। ଗତ ନିର୍ବାଚନ ପୂର୍ବରୁ ସେ କଂଗ୍ରେସ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ।

## କୋଇଲାଟୋଲି ସରକାରୀ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

**ରାଉରକେଲା, ୧୦।୧(ସମିସ):** ନୂଆଗାଁ ବ୍ଲକ ସୋରଡ଼ା କ୍ଲଷ୍ଟର ଅଧୀନ କୋଇଲାଟୋଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଗାଁ ଷ୍ଟେଟ୍‌ବ୍ୟାଙ୍କର ଶାଖା ପରିଚାଳକ ପ୍ରଣବୀ ନାଏକ କହିଲେ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ଓ ଉଚ୍ଚାଭିଳାଷ ରଖି କଠୋର ଅଧ୍ୟବସାୟ କଲେ ଜଣେ ଛାତ୍ର ତାର ଲକ୍ଷ୍ୟ ପଥରେ ପହଞ୍ଚି ପାରିବ। ସମ୍ମାନିତ ଅତିଥି ଭାବେ ସୋରଡ଼ା କ୍ଲଷ୍ଟରର ସିଆରସିସି ଅଜୟ କୁମାର ସେଠୀ ଓ ବରିଷ୍ଠ ଶିକ୍ଷକ ଅଶୋକ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନ ତଥା ପରିଚାଳନାରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ କୁନିକୁନି ଛାତ୍ରଛାତ୍ରୀମାନେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲ ଶିକ୍ଷା କମିଟିର ସଭାପତି ଚମାରି ଓରାମ, ଗୀର୍ଜାଟୋଲୀ ସ୍କୁଲର ପ୍ରଧାନଶିକ୍ଷୟତ୍ରୀ ଆଶ୍ରିତା ଲୁଗୁନ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଓରାମ, ସରୋଜିନୀ ଓରାମ, ନିର୍ମଳା ତିର୍କି, ସଞ୍ଜିତ ଲାକ୍ରା, ପୂର୍ବତନ ୱାର୍ଡସଭ୍ୟ ବିରାଜ ଖାଲଖୋଙ୍କ ସମେତ ସ୍କୁଲ ଶିକ୍ଷା କମିଟିର ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ସ୍କୁଲର ସହକାରୀ ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ବିଜେଡି ନେତା ଗୋବିନ୍ଦ ମହାନ୍ତିଙ୍କ ପରଲୋକ

**ରାଉରକେଲା, ୧୦।୧(ସମିସ):** ବିଜେଡି ନେତା ତଥା ଆରଏସପିର ଅବସରପ୍ରାପ୍ତ କର୍ମଚାରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କର ୮୭ ବର୍ଷ ବୟସରେ ସେକ୍ଟର-୨୦ ଇ/୭୯ ସ୍ଥିତ ତାଙ୍କ ବାସଭବନରେ ଗୁରୁବାର ରାତିରେ



ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବରପାଇ ତାଙ୍କ ବନ୍ଧୁ ପରିଜନ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବେଦବ୍ୟାସ ଶ୍ମଶାନ ଘାଟଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଆର୍‌ଏସ୍‌ପି କାର୍ଯ୍ୟସ୍ଥଳ ସୁରକ୍ଷାରେ ଉନ୍ନତି ପାଇଁ କର୍ମଚାରୀ ପୁରସ୍କୃତ

**ରାଉରକେଲା, ୧୦।୧(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା କାର୍ଯ୍ୟସ୍ଥଳ ସୁରକ୍ଷାରେ ଉନ୍ନତି ଉଦ୍ଦେଶ୍ୟରେ, ନିୟର-ମିସ୍ ମାମଲା ରିପୋର୍ଟ କରିବା ପାଇଁ ଏକ ପୁରସ୍କାର ଯୋଜନା ଆରମ୍ଭ କରିଛି, ଯାହା ଦୁର୍ଘଟଣା ରୋକିବାରେ ସାହାଯ୍ୟ କରିବ। ଏହି ଯୋଜନା ଅନୁଯାୟୀ ଜାନୁଆରୀ ୭ ତାରିଖରେ ହଟ୍ ଷ୍ଟ୍ରିପ୍ ମିଲ୍ -୨ ର ସମ୍ମିଳନୀ ହଲରେ ଏକ ନିୟର ମିସ୍ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଚ୍‌ଏସ୍‌ଏମ୍ ଓ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଅଧ୍ୟକ୍ଷତା କରି ସକ୍ରିୟ ନିୟର-ମିସ୍ ରିପୋର୍ଟିଂ ମାଧ୍ୟମରେ ସୁରକ୍ଷା ପ୍ରତି ସେମାନଙ୍କର ଅସାଧାରଣ ପ୍ରତିବଦ୍ଧତା ପାଇଁ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଚଏସଏମ-୨ ଇଲେକ୍ଟ୍ରିକଲ ବିଭାଗର ଜିଏମ୍ ଇନ୍‌ଚାର୍ଜ ଆର କୁଜୁର, ଅପରେସନ ବିଭାଗର ଜିଏମ୍ ଇନଚାର୍ଜ ଦୀପକ କୁମାର, ସୁବ୍ରତ କାନୁନଗୋ ଏବଂ ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ଜୟନ୍ତ ଦାଶ ତଥା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସିନିୟର ମ୍ୟାନେଜର ଧନଞ୍ଜୟ ପ୍ରଦୀପ ସର୍ବାଧିକ ସଂଖ୍ୟକ ନିୟର-ମିସ୍ କେସ୍ ରିପୋର୍ଟ ଦାଖଲ ପାଇଁ ପୁରସ୍କୃତ ହୋଇଥିବା ବେଳେ ଇଲେକ୍ଟ୍ରିକାଲ୍ ବିଭାଗର ସିନିୟର ମ୍ୟାନେଜର ଟି.ବି. ସେଠ, ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ରିପୋର୍ଟ ପାଇଁ ପୁରସ୍କୃତ ହୋଇଥିଲେ। ସାପ୍ ଫ୍ଲୋର୍‌ରେ ଏବଂ କାର୍ଯ୍ୟାଳୟରେ ନିୟର -ମିସ୍ ମାମଲାର ନିରନ୍ତର ରିପୋର୍ଟିଂ ଏବଂ ସୁରକ୍ଷା ପ୍ରୋଟୋକଲ୍ ପାଳନକୁ ପ୍ରେରଣା ଏବଂ ଉତ୍ସାହିତ କରିବା ପାଇଁ ଅନ୍ୟ ଛଅଜଣ କର୍ମଚାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

### ୩୭ତମ ଲୋକନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ନାଟକ 'ନମସ୍ୟା ଶ୍ୟାମଳୀ' ମଞ୍ଚସ୍ଥ

ରାଉରକେଲା, ୧୦।୧(ସମିସ)



ରାଉରକେଲା କଲ୍‌ଚରାଲ ଏକାଡେମୀ ଦ୍ୱାରା ଆୟୋଜିତ ୩୭ତମ ଲୋକନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଭୁବନେଶ୍ୱର ପଞ୍ଚଧ୍ୱନି ପକ୍ଷରୁ ନାଟକ 'ନମସ୍ୟା ଶ୍ୟାମଳୀ' ମଞ୍ଚସ୍ଥ ହୋଇଥିଲା। କଲ୍‌ଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ '୩୭ତମ ଲୋକନାଟକ ମହୋତ୍ସବ'ର ଷଷ୍ଠ ସନ୍ଧ୍ୟାରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଅସ୍ମିତାର ସୁରକ୍ଷା ଦିଗରେ ନାଟକ ମାଧ୍ୟମରେ କଲଚରାଲ ଏକାଡେମୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ମଞ୍ଚ ପରିଚାଳନା କରିଥିଲା ବେଳେ କଲ୍‌ଚରାଲ ଏକାଡେମୀର ଉପ-ସଭାପତି ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅକ୍ଷୟ ସାମଲ, ଡ. ପ୍ରଭାତ ମଲ୍ଲିକ, ଡ. ଶ୍ରୀକାନ୍ତ ମହାନ୍ତି, ଅନ୍ୟତମ ସମ୍ପାଦକ ଡ. ନଗେନ ଦାସ, ଗୋକୁଳାନନ୍ଦ ଦାଶ, ଅକ୍ଷୟ ପଣ୍ଡା, ଆଲୋକ ବୋଷ, ପରେଶ ବିଶ୍ୱାଳ, ଡା. କୃପାସିନ୍ଧୁ ନାୟକ, କିଶୋର ଚନ୍ଦ୍ର ବେହେରା, ସୁଜିତ ନାୟକ, ବଳରାମ ରାଉଳ, କେଦାରନାଥ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ନିକୁଞ୍ଜ ରାଉତରାୟ, ମୀନକେତନ ପଶାୟତ, ସୁକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଭୁବନେଶ୍ୱରର ପଞ୍ଚଧ୍ୱନି ନାଟ୍ୟସଂସ୍ଥା ପକ୍ଷରୁ ନାଟକ 'ନମସ୍ୟା ଶ୍ୟାମଳୀ। ମଞ୍ଚସ୍ଥ ହୋଇଥିଲା। ନଦୀ ମାନବ ସଭ୍ୟତାର ମୂଳ ପିଣ୍ଡ। ନଦୀ କୂଳରେ ବହୁ ସମୃଦ୍ଧଶାଳୀ ସଭ୍ୟତାମାନ ଗଢ଼ିଉଠିଛି। ଭାରତବର୍ଷର ପ୍ରାୟ ଅଧିକାଂଶ ସହର ଓ ଗାଁ' ନଦୀ କୂଳରେ ଅବସ୍ଥିତ। ମନୁଷ୍ୟର ବଞ୍ଚିବାପାଇଁ ଅମ୍ଳଜାନ ଯେପରି ଏକାନ୍ତ ଅପରିହାର୍ଯ୍ୟ, ଜଳ ମଧ ଜୀବନର ପ୍ରତିକ୍ଷଣରେ ଆବଶ୍ୟକ। ଅତ୍ୟାଧୁନିକ ଓ ଅତି ସହରୀ ହେବା ନାଁ'ରେ ସେମାନେ ଅନୁଭବ କରନ୍ତି; ସତେ ଯେମିତି ସେମାନଙ୍କର ସବୁ ସରିସରି ଯାଉଛି। ସ୍ୱଳ୍ପ ଶିକ୍ଷିତ ଯୁବକଗୋଷ୍ଠୀ ହୁଅନ୍ତି ଜାଗ୍ରତ। ସେ ଅଞ୍ଚଳରେ ସ୍ୱଦେଶୀ ଚେତନା ଜାଗରଣ ମଞ୍ଚଟିଏ ମୁଣ୍ଡ ଟେକି ବସିଥିବା ତାଙ୍କର ମା' ସଦୃଶା ପରମ ଉପକାରୀ ଛୋଟ ଶ୍ୟାମଳୀ ନଦୀଟିର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼େ। ମନ୍ତ୍ରୀ, ବିଲ୍‌ଡର, କର୍ପୋରେଟଙ୍କର ମିଳିତ ଶକ୍ତି ଆଗରେ ସାଧାରଣ ଜନଶକ୍ତି ଜିତିବେ ନା ହାର ମାନିବେ? ସତରେ କ'ଣ ବହୁରାଷ୍ଟ୍ରୀୟ କମ୍ପାନୀ ସେଠୁ ହଟିଯିବ ଆଉ ଶ୍ୟାମଳୀ ନଦୀ ପୂର୍ବପରି ଚଳଚଞ୍ଚଳ ହୋଇଉଠିବ? ଏହାହିଁ ଥିଲା ନାଟକ 'ନମସ୍ୟା ଶ୍ୟାମଳୀ'ର ସାରମର୍ମ। ପଞ୍ଚାନନ ଦାଶ ନାଟକଟିକୁ ରଚନା କରିଥିଲାବେଳେ ପ୍ରକାଶ ମହାରଣା ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ମାନସ କୁମାର ପରିଡ଼ା।

## ଆଧାର ସଂଶୋଧନ ପାଇଁ ୬ ମାସ ଧରି ସରିନି ଧାଡ଼ି

**କେସିଙ୍ଗା, ୧୦।୧(ସମିସ):** ନୂଆ ସରକାର ଶପଥ ଗ୍ରହଣ କଲା ପରେ ପରେ ଆରମ୍ଭ ହୋଇଥିବା ଧାଡ଼ି ଆଜି ପର୍ଯ୍ୟନ୍ତ ସରିନି। କେତେବେଳେ ରାସନ କାର୍ଡ ପାଇଁ ଇକେୱାଇସି ହେଉ କିମ୍ବା ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନା ହେଉ ଏ ସବୁ ପାଇଁ ଆଧାର ସଂଶୋଧନ ଲାଗି ଧାଡି ସରୁନି। କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଥିବା ମୁଖ୍ୟ ଡାକ ଘରେ ବିଗତ ୬ ମାସ ହେଲାଣି ଲୋକେ ଲାଇନ ଲାଗି ଟୋକନ ନେଇ ନିଜ ଆଧାର କାଡ ସଂଶୋଧନ କରୁଛନ୍ତି। ଆଜି ପର୍ଯ୍ୟନ୍ତ ଲାଇନ ସରୁନି। ଏବେ ମଧ୍ୟ ଲୋକେ ସୁଭଦ୍ରା ଟଙ୍କା ଓ ରାସନ କାର୍ଡ ଇକେୱାଇସି ପାଇଁ ଶୀତରେ ସକାଳୁ ଆସି ଡାକଘର ସମ୍ମୁଖରେ ଲାଇନ ଲାଗୁଛନ୍ତି। ଦିନକୁ ୧୦୦ ଜଣ ଆସି ଲାଇନ ଲାଗୁ ଥିବା ବେଳେ କେସିଙ୍ଗା ଡାକଘରେ ଦିନକୁ ପ୍ରାୟ ୫୦ ଜଣଙ୍କ ଆଧାର ଅପଡେଟ ଓ ସଂଶୋଧନ ହେଉଛି। ତେବେ ବ୍ୟାଙ୍କଗୁଡ଼ିକରେ ଆଧାର ଅପଡେଟ ହେଉଥିବା ବେଳେ କେସିଙ୍ଗା ସହରର କୌଣସି ବ୍ୟାଙ୍କରେ ଆଧାର ଅପଡେଟ ହେଉ ନାହିଁ। ଏହା ଫଳରେ କେସିଙ୍ଗା ଡାକ ଘରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




**ଭବାନୀପାଟଣା, ୧୦।୧(ସମିସ):** ସ୍ଥାନୀୟ ସରକାରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ପାତ୍ର ଶିବିର ଆୟୋଜନ କରିଥିଲେ। ଅଧ୍ୟାପକ ପଞ୍ଚ ରତ୍ନ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## କୁମ୍ଭାରଗୁଡ଼ା ବୁଢ଼ାରଜା ମହୋତ୍ସବ ଉଦ୍‌ଯାପିତ

**ଲାଞ୍ଜିଗଡ଼, ୧୦।୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପାଞ୍ଚାୟତ କୁମ୍ଭାରଗୁଡ଼ା ବୁଢାରଜା ସାଂସ୍କୃତକ ଅନୁଷ୍ଠାନ ପକ୍ଷରୁ ଅଞ୍ଚଳର ବହୁ ପ୍ରତିକ୍ଷୀତ ବୁଢାରଜା ଦେବଙ୍କ ବାର୍ଷିକ ସହ ବୁଢାରଜା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏକ ସପ୍ତାହ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଁ ହୀରାନୀଳା ସ୍ନାତକ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଭାଗିରଥୀ ଧଙ୍ଗଡ଼ାମାଝି, ମୁଖ୍ୟବକ୍ତା ଭାବେ କୈଳାଶ ସାହୁ, ପାତ୍ର ମାଝୀ, ତୁଳସୀ ମାଝୀ, ବିଜୟ ନାଏକ, ଶିବ ରାମ ନାଏକ, ନରେନ୍ଦ୍ର ବେହେରା, ବିଜେପୁର ଥାନା ଅଧିକାରୀ ଲୀଳାମ୍ବର ଯାନୀ, ବୁଢାରଜା ସାଂସ୍କୃତିକ ଅନୁଷ୍ଠାନ ସଭାପତି ରାମ ଚନ୍ଦ୍ର ମାଝୀ, ଲାଞ୍ଜିଗଡ଼ ପ୍ରେସ୍ କ୍ଲବ୍ ଉପ ସଭାପତି କ୍ଷମାନିଧି ମହାଖୁଡ଼, କୋଷାଧ୍ୟକ୍ଷ ପରେଶ ନାୟକ, ସଦସ୍ୟ ରମେଶ ନାୟକ, ଏମ ଚନ୍ଦ୍ରଶେଖର, ଦିଲ୍ଲୀପ ହରିଜନ, ଦେବାନନ୍ଦ ମାଝୀ, ମନୋଜ ଦୋରା, ସୁଶାନ୍ତ ମାଝୀ, ତୁଳସୀ ରାମ ପ୍ରଧାନୀ ପ୍ରମୁଖ ମଞ୍ଚରେ ମଞ୍ଚାସୀନ ଥିଲେ। ଏହି ଅବସରରେ ସୁବାସ ନାଏକ ଉପସ୍ଥିତ ୨ ଶହରୁ ଅଧିକ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ବଣ୍ଟନ କରିଥିଲେ। ରମେଶ ନାଏକ ମଞ୍ଚ ପରିଚାଳନା କରିଥିଲେ। ଈଶ୍ୱର ବାଗ, ବିଷ୍ଣୁ ନାଏକ, ରାଜେଶ ନାଏକ, ବିସ୍ମ ମାଝୀ, ଧନିଆଁ ନାଏକ, ମକର ନାଏକ, ହରିଶ ଚନ୍ଦ୍ର ସାହୁ, ସୁମନ୍ତ ନାଏକଙ୍କ ସମେତ ବୁଢାରଜା ସାଂସ୍କୃତିକ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


Sahitya Akademi | Ministry of Culture, Government of India

ସାହିତ୍ୟ ଅକାଦେମି
ଆୟୋଜିତ
ଯୁବ ପୁରସ୍କାର ୨୦୨୪
ଏବଂ
ପୁରସ୍କାର ପ୍ରାପକ ସମ୍ମିଳନୀ
୧୨-୧୩ ଜାନୁଆରି ୨୦୨୫
ଆପଣଙ୍କୁ ସାଦର ଆମନ୍ତ୍ରଣ

**ରବିବାର, ୧୨ ଜାନୁଆରି ୨୦୨୫, ସନ୍ଧ୍ୟା ୫ଟା**

ଯୁବ ପୁରସ୍କାର ୨୦୨୪
ଅର୍ପଣ ସମାରୋହ
ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪

କାର୍ଯ୍ୟସୂଚୀ
ଆବାହନୀ ସଙ୍ଗୀତ
ସ୍ୱାଗତ ଭାଷଣ : କେ. ଶ୍ରୀନିବାସରାଓ, ସଚିବ, ସାହିତ୍ୟ ଅକାଦେମି
ସଭାପତିଙ୍କ ଅଭିଭାଷଣ : ମାଧବ କୌଶିକ, ସଭାପତି, ସାହିତ୍ୟ ଅକାଦେମି
ଯୁବ ପୁରସ୍କାର ୨୦୨୪ ଅର୍ପଣ
ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ : ଜେରି ପିଣ୍ଟୋ, ବିଶିଷ୍ଟ ଇଂରାଜୀ କବି
ସମାପନୀ ବକ୍ତବ୍ୟ : କୁମୁଦ ଶର୍ମା, ଉପ-ସଭାପତି, ସାହିତ୍ୟ ଅକାଦେମି

**ସୋମବାର, ୧୩ ଜାନୁଆରି ୨୦୨୫, ପୂର୍ବାହ୍ନ ୧୦:୩୦**

ପୁରସ୍କାର ପ୍ରାପକ ସମ୍ମିଳନୀ
(ପୁରସ୍କାର ପ୍ରାପକମାନେ ନିଜ ସୃଜନାତ୍ମକ ଅନୁଭବ ପ୍ରକାଶ କରିବେ)
ବୁଦ୍ଧମନ୍ଦିର ସଭାକକ୍ଷ, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ
ମଧୁସୂଦନ ମାର୍ଗ, ୟୁନିଟ-୯, ଭୁବନେଶ୍ୱର- ୭୫୧୦୨୨
ସଭାମୁଖ୍ୟ
କୁମୁଦ ଶର୍ମା
ଉପ-ସଭାପତି, ସାହିତ୍ୟ ଅକାଦେମି

ଯୁବ ପୁରସ୍କାର ୨୦୨୪ ପ୍ରାପକବୃନ୍ଦ
ନୟନଜ୍ୟୋତି ଶର୍ମା (ଅହମିଆ), ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା)
ସେଲ୍‌ଫ ମେଡ୍ ରାଣୀ ବୋଡ଼ୋ (ବୋଡ଼ୋ), ହୀନା ଚୌଧୁରୀ (ଡୋଗ୍ରୀ)
କେ. ବୈଶାଳୀ (ଇଂରାଜୀ), ରିଙ୍କୁ ରତେସିଂହ ରାଠୋଡ଼ (ଗୁଜୁରାଟୀ)
ଗୌରବ ପାଣ୍ଡେ (ହିନ୍ଦୀ), ଶ୍ରୁତି ବି.ଆର. (କନ୍ନଡ଼)
ମୋହମ୍ମଦ ଆଶ୍ରଫ ଭଟ (ଆଶ୍ରଫ ଜିୟା) (କଶ୍ମିରୀ), ଅଦ୍ୱୈତ ସାଲଗାଓଁକର (କୋଙ୍କଣୀ)
ରିଙ୍କି ଝା ଋଷିକା (ମୈଥିଳି), ଶ୍ୟାମକ୍ରିଷ୍ଣନ ଆର୍ (ମାଲୟାଲମ)
ଥ୍ୱାଇଖୋମ ଚିଙ୍ଗଖେଙ୍ଗନବା (ମଣିପୁରୀ), ଦେବୀଦାସ ସୌଦାଗର (ମରାଠୀ)
ସୁରଜ ଚାପାଗାଇଁ (ନେପାଳୀ), ସଂଜୟ କୁମାର ପଣ୍ଡା (ଓଡ଼ିଆ), ରଣଧୀର (ପଞ୍ଜାବୀ)
ସୋନାଲି ସୁଥର (ରାଜସ୍ଥାନୀ), ମୁନି ପାର୍ଶ୍ୱସୁନ୍ଦର ବିଜୟଜୀ (ସଂସ୍କୃତ)
ଅଞ୍ଜନ କର୍ମକାର (ସାନ୍ତାଳୀ), ଗୀତା ପ୍ରଦୀପ ରୂପାନି (ସିନ୍ଧି)
ଲୋକେଶ ରଘୁରମଣ (ତାମିଲ), ରମେଶ କାର୍ତ୍ତିକ ନାୟକ (ତେଲୁଗୁ)
ମୋହମ୍ମଦ ଜାଭେଦ ଅହମଦ (ଜାଭେଦ ଅମ୍ବର ମିସବାହୀ) (ଉର୍ଦ୍ଦୁ)

RSVP: 011-23386626/27/28, ROK: 033-24191784/06
Email: secretary@sahitya-akademi.gov.in
Website: www.sahitya-akademi.gov.in


**ଷଷ୍ଠ ଜିଲ୍ଲା ପରିଷଦ ବୈଠକରେ ହୋ ହାଲ୍ଲା**

# ଦୋଷ ଲୁଚାଇବାକୁ ସାମ୍ବାଦିକଙ୍କୁ ଡାକିଲାନି ପ୍ରଶାସନ



- ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉନି
- ସଭାରେ ସଭ୍ୟମାନଙ୍କ ଉଦ୍‌ବେଗ ପ୍ରକାଶ
- ମିଲର୍ସଙ୍କୁ ଅନୁକମ୍ପା ନେଇ ଗର୍ଜନ

**ନୂଆପଡ଼ା, ୧୦।୧(ସମିସ):** ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଷଷ୍ଠ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ଉନ୍ନୟନ ଓ ବହୁ ଯୋଜନା ଉପରେ ରୂପରେଖ ପ୍ରସ୍ତୁତ କରାଯାଉଥିବାବେଳେ ଏଥିରେ ଜନ ପ୍ରତିନିଧିମାନେ ରହି ସମୀକ୍ଷା କରିଥାନ୍ତି। ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ସବିଶେଷ ଖବର ନେଇଥାନ୍ତି; ହେଲେ ବର୍ତ୍ତମାନ ଏଥର ବ୍ୟତିକ୍ରମ ହୋଇଥିବାରୁ ଜନପ୍ରତିନିଧି ନିଜ ଦୋଷ ଏଡ଼ାଇବାକୁ ସାମ୍ବାଦିକଙ୍କୁ ବୈଠକକୁ ଡାକୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଚତୁର୍ଥ ସ୍ତମ୍ଭକୁ ଅନ୍ଧାରରେ ରଖାଯାଉଛି ବୋଲି କହିଛନ୍ତି।

ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀଙ୍କ ସଭାପତିତ୍ୱରେ ବୈଠକରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲାପାଳ ମଧୁସୂଦନ ଦାଶ, ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ୍, ବନ୍ୟଜନ୍ତୁ ଓ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଏକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ଓ ସମସ୍ତ ବ୍ଲକ ଅଧ୍ୟକ୍ଷା ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମସ୍ତ ଜନ ପ୍ରତିନିଧି ତଥା ଅଧିକାରୀମାନଙ୍କୁ ସମ୍ବୋଧନ କରି ଜିଲ୍ଲାର ସର୍ବାଙ୍ଗିନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ଏଭିତରେ ଜିଲ୍ଲା ବହୁତ ପ୍ରଗତି କରିଛି। ପ୍ରଶାସନ ଏବଂ ଜନପ୍ରତିନିଧିମାନଙ୍କ ମଧ୍ୟରେ ଉତ୍ତମ ସହଯୋଗରେ ଆହୁରି ଉନ୍ନତି ସାଧିତ ହେବ। ପରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିଜ ବିଭାଗର ପ୍ରଗତି ବିବରଣୀ ଗୃହକୁ ଅବଗତ କରାଇବା ପାଇଁ କହିଥିଲେ। ଜିଲ୍ଲା କୃଷି, ମତ୍ସ୍ୟ, ଯୋଗାଣ, ଜିଲ୍ଲା ମଙ୍ଗଳ, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଜଳ ଯୋଗାଣ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ପଶୁ ସମ୍ପଦ, ଉଠା ଜଳସେଚନ, ବିଦ୍ୟୁତ୍ ଓ ସମବାୟ ବିଭାଗ ଇତ୍ୟାଦି ସମସ୍ତ ବିଭାଗର ତ୍ରୟମାସିକ ପ୍ରଗତି ବିବରଣୀର ସମୀକ୍ଷା କରାଯାଇଥିଲା। ବିଗତ ବୈଠକରେ ସଦସ୍ୟମାନେ ଉତ୍ଥାପନ କରିଥିବା ସମସ୍ତ ଅଭିଯୋଗ ଉପରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ଉପରେ ଅଧିକାରୀମାନେ ନିଜନିଜ ମନ୍ତବ୍ୟ ରଖିଥିଲେ। ଶିକ୍ଷା ବିଭାଗର କୋଟି କୋଟି ଟଙ୍କାର ଏଫ୍‌ଏଲଏନ ଅନିୟମିତତା ଉପରେ ବାରମ୍ବାର ଅଭିଯୋଗ ଅଣାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହିଭଳି ବିଗତ ଦିନରେ ଏକ ରାଇସ୍ ମିଲରେ ଧାନ କିଣା ପୂର୍ବରୁ ବେଆଇନ ଭାବେ ୨୮୦ କ୍ୱିଣ୍ଟାଲ ଧାନ ଗଚ୍ଛିତ କରାଯାଇଥିବା ଯୋଗାଣ ବିଭାଗ ହାତରେ ଧରାପଡ଼ିଥିଲା; ହେଲେ ପରବର୍ତ୍ତୀ ସମୟରେ ସେହି ମିଲର୍ସଙ୍କୁ ପ୍ରଶାସନ ଜାଣି ଶୁଣି ଧାନ କିଣିବାକୁ ଅନୁମତି ଦେଇଛି ବୋଲି ସଭ୍ୟମାନେ ଗର୍ଜିଥିଲେ। ଏସବୁ କଥାକୁ ଚାପିଦେବା ପାଇଁ ସଭାଗୃହକୁ ଗଣମାଧ୍ୟମକୁ ଡକାଯାଇ ନ ଥିଲା ବୋଲି ସଭ୍ୟ ଭାନୁପ୍ରତାପ ମାଝୀ କହିଛନ୍ତି। ଏ ନେଇ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କୁ ପଚାରିବାରୁ ସାମ୍ବାଦିକଙ୍କୁ ଡାକିବାକୁ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି। ବିଗତ ଦିନରେ ହୋଇଥିବା ଅସମ୍ପୂର୍ଣ୍ଣ କାମ ସବୁ ଶୀଘ୍ର ସମାପନ କରିବା ଉପରେ ଉଭୟ ବିଧାୟକ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାର ସମସ୍ତ ବିଭାଗର କାମରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ତଥା ପାରଦର୍ଶିତା ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ସମସ୍ତ ଉନ୍ନତି ମୂଳକ କାମରେ ଏବଂ ବିଶେଷତଃ କୃଷି, ଉଦ୍ୟାନ କୃଷି ଯୋଜନାରେ ହିତାଧିକାରୀ ଚୟନ କରିବା ବେଳେ ଜନ ପ୍ରତିନିଧିମାନଙ୍କୁ ସାମିଲ କରିବା ଉପରେ ଜିଲ୍ଲା ପରିଷଦ ସଦସ୍ୟମାନେ ଦାବି କରିଥିଲେ। ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଲାଇନ୍ ବିଭାଗ ଅଧିକାରୀ ଓ ସମସ୍ତ ବିଡିଓ ଯୋଗ ଦେଇଥିଲେ।

## ଡିଗ୍ରୀ କଲେଜର ପ୍ରବାସୀ ଭାରତୀୟ ଶିବିର ଉଦ୍‌ଯାପିତ



**କୋକସରା, ୧୦।୧(ସମିସ):** କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ୧୮ ତମ ପ୍ରବାସୀ ଭାରତୀୟ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କୋକସରା ବିଡିଓ ଡା. ହିମାଞ୍ଚଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟପକ ସୁବ୍ରତ ବେହରା, କ୍ୟାପଟନ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଐରୀ ନାଶନ ଚିନ୍ଦା ମଞ୍ଚ ପରିଚାଳନା କରିଥିଲେ। ପୁଷ୍ପିତ ବିଶି ସ୍ୱଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅଧ୍ୟାପିକା କନକ ମଞ୍ଜୁରୀ ବେହରା ଧନ୍ୟବାଦ ଅର୍ପଣ ଜରିଥିଲେ। ଅଧ୍ୟାପିକା ବେଦମଇ ବାରିକ ଓ ଶୁଭଶ୍ରୀ ସାହୁ ପୁରସ୍କାର ବିତରଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଜିତେନ୍ଦ୍ର ପ୍ରଧାନୀ, ସୁନୀଲ ପ୍ରଧାନୀ, ହୃଦାନନ୍ଦ ଧଙ୍ଗଡ଼ା ମାଝୀ, ପ୍ରତାପ ଚନ୍ଦ୍ର ବିଶି, ଲାଲୁ ପ୍ରସାଦ ପ୍ରଧାନୀ, ଉଜାଗର ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା



**ଭବାନୀପାଟଣା, ୧୦।୧(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ଗୁରୁବାର ଜିଲ୍ଲାସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ଯାଇଛି। କଳାହାଣ୍ଡି ରାଇଫଲ୍ ଆସୋସିଏସନ୍ ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା। ଆସୋସିଏସନର ସଭାପତି ଭାରତ ଭୂଷଣ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଲେଇ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଯୋଗଦେଇ ବିଜେତାଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ଅଜୟ ମିଶ୍ର, ଦୁର୍ଗା ମିଶ୍ର, ସୁରେନ୍ଦ୍ର ନେଗୀ, ଶମ୍ଭୁ ରାଉତ, ଡୋଲାମଣି ସାହୁ, ଅରିହାନ୍ତ ଜୈନ, ଶଶୀ ଚୌଧୁରୀ, ଅରବିନ୍ଦ ସାହୁ, ପ୍ରଦୀପ ଦାଶ, ସଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରତିଯୋଗୀତାରେ ରବୀନ୍ଦ୍ର ମିଶ୍ର ଓ ସୁନୀଲ ବେହେରା ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଶହେରୁ ଅଧିକ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

## ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**ଧର୍ମଗଡ଼, ୧୦।୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ମୁଖ୍ୟବକ୍ତା ଭାବେ କେସିଙ୍ଗା ମହାବିଦ୍ୟାଳୟ ଅଧ୍ୟାପକ ସୁଶାନ୍ତ ପାଢ଼ୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁନିଲ ଅଗ୍ରୱାଲ, ଧର୍ମଗଡ଼ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଜୁଏଡ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ନିକୁଞ୍ଜ ବିହାରୀ ସାହୁ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଅକ୍ଷୟ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ମୋହନ ଚରଣ ବିଶି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରଞ୍ଜନ ପଣ୍ଡା, ଫକିର ନାରାୟଣ ଚଣ୍ଡି, ଅଶୋକ ଚଣ୍ଡି, ସାନୁର୍ଯ୍ୟ ଗୋପାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କେସିଙ୍ଗାରେ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ




**● କଳାହାଣ୍ଡିର କଳା, ଐତିହ୍ୟ ଓ ସଂସ୍କୃତିର ଅପୂର୍ବ ମିଳନ**

**କେସିଙ୍ଗା, ୧୦।୧(ସମିସ):** କେସିଙ୍ଗାରେ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କଳାହାଣ୍ଡିର କଳା, ଐତିହ୍ୟ ଓ ସଂସ୍କୃତିର ଅପୂର୍ବ ମିଳନ ଘଟିଛି। କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆୟୋଜିତ ଏହି ଶୁକ୍ରବାର ସକାଳ ୮ଟାରୁ ଆରମ୍ଭ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ଏହା ବାନ୍ଧି ରଖିଥିଲା। ପ୍ରଥମେ କେସିଙ୍ଗାର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ା ଡଙ୍ଗର ମନ୍ଦିରରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଘୁମୁରା, ଆଦିବାସୀ ନୃତ୍ୟ, ସମ୍ବଲପୁରୀ ବାଦ୍ୟ ସାମିଲ ହୋଇଥିଲା। ସହର ପରିକ୍ରମା କରି ବୁଢ଼ାରଜା ମଞ୍ଚରେ ମଶାଲ ସ୍ଥାପନ ପରେ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା। ଏହାପରେ ଲୋକନୃତ୍ୟ, ଲୋକଗୀତ, ଝୋଟି, ଶଙ୍ଖଫୁଙ୍କା, ହୁଳହୁଳି, କବିତା, ଭଲିବଲ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ନଗରପାଳ ନୃପରାଜ ଯାଦବଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଭୂପେନ୍ଦ୍ର ସିଂ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୀନ୍ଦ୍ର ହୋନନାଗା ଏବଂ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଉପ ନଗରପାଳ ସରସ୍ୱତୀ ସାହା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ ଚାନ୍ଦ, ମୋହନ ସାହୁ, ଶ୍ରୀନିବାସ ପଟ୍ଟନାୟକ, ନାରାୟଣ ମହାରଣା, ଆକୁଳ ନାଏକ, ନୃସିଂହ ବେହେରା, ଗଦାଧର ସିଂଦେଓ, କାଉନସିଲର ରମାକାନ୍ତ ଜେନା, ରୋହିତ ଜୈନ, ଶମ୍ଭୁ ବରଗ୍ତି, ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ, ବିଜେପି ନଗର ସଭାପତି ମଗନ ସିନ୍ଧୁର, ସିଲୁ ପରିଡ଼ା, ନଳୀନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରଶେଖର ଆଚାରି ମଞ୍ଚ ପରିଚାଳନା କରିଥିଲେ।


DRIEMS UNIVERSITY
ODISHA, TANGI, CUTTACK

ପ୍ରଥମ ସମାବର୍ତ୍ତନ ଉତ୍ସବ
୧୧ ଜାନୁୟାରୀ ୨୦୨୫ (ଶନିବାର)



ମୁଖ୍ୟଅତିଥି
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# କାମରେ ଆସୁନି ଶିଶୁ ଉଦ୍ୟାନ



- ପାଣିରେ ପଡ଼ିଲା ଲକ୍ଷ ଲକ୍ଷ ଟଙ୍କା
- ଉଦ୍ୟାନ ଫାଟକରେ ଝୁଲୁଛି ତାଲା
- ଭିତରକୁ ଯାଇ ପାରୁନାହାନ୍ତି ଶିଶୁ

**ଶଗଡ଼ା, ୧୦।୧(ସମିସ):** କଣ୍ଟାମାଳ ବ୍ଲକର ଶିଶୁମାନଙ୍କ ମନୋରଞ୍ଜନ ପାଇଁ ଥିବା ଏକ ଉଦ୍ୟାନ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପ୍ରଶାସନିକ ଅବହେଳା ଯୋଗୁଁ ଏହା ଅବହେଳିତ ହୋଇ ପଡ଼ି ରହିଛି। ଶିଶୁଙ୍କ ଖେଳିବା ପାଇଁ ଲଗା ଯାଇଥିବା ଯନ୍ତ୍ରାପାତି ମଧ୍ୟ କଳଙ୍କି ଖାଇ ଖତ ହେବାକୁ ବସିଲାଣି। ଏହି ଶିଶୁ ଉଦ୍ୟାନ ୨୦୦୮ ମସିହାରେ ତତ୍କାଳୀନ କଣ୍ଟାମାଳ ବିଧାୟକ ଭଗବାନ କହଁରଙ୍କ ସମୟରେ ଆରମ୍ଭ କରାଯାଇଥିଲା। ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ପ୍ରତି ବର୍ଷ ବିଭିନ୍ନ ଯୋଜନାରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଇଥିଲା। ୨୦୨୨ ଜୁଲାଇ ୨୮ ରେ ତତ୍କାଳୀନ ବିଧାୟକ ମହୀଧର ରଣା ଓ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ଏହି ଶିଶୁ ଉଦ୍ୟାନକୁ ଉଦ୍‌ଘାଟନ କରିଥିଲେ; କିନ୍ତୁ ଶିଶୁ ଉଦ୍ୟାନଟି ଶିଶୁଙ୍କ ପାଇଁ ଦିନଟିଏ ମଧ୍ୟ ଖୋଲାଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଉଦ୍‌ଘାଟନକୁ ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଖଞ୍ଜା ଯାଇଥିବା ଲାଇଟଗୁଡିକ ଅଚଳ ହୋଇଗଲାଣି। ସିମେଣ୍ଟ ଚୌକି ସବୁ ଭାଙ୍ଗିରୁଜି ଗଲାଣି। ପାର୍କ ଅନାବନା ଘାସଲତାରେ ପରିପୂର୍ଣ୍ଣ। ଏହା ଶିଶୁଙ୍କ ପାଇଁ ଅସୁରକ୍ଷିତ ହୋଇ ପଡ଼ିଛି। ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ଫୁଲ ଗଛ ସବୁ ମରିବାକୁ ବସିଲାଣି। ପାର୍କର ଦୁରବସ୍ଥା ଯୋଗୁଁ ଶିଶୁଙ୍କ ମନୋରଞ୍ଜନ ହୋଇପାରୁନାହିଁ। ଯେଉଁ ଉଦ୍ଦେଶ୍ୟ ନେଇ ପାର୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା ତାହା ପୂରଣ ହୋଇପାରି ନାହିଁ। ଗେଟ୍ ସାମ୍ନାରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଶିଶୁ ଉଦ୍ୟାନର ଅନେକ କାମ ଅନୁଦାନ ଅଭାବରୁ ଅସମ୍ପୂର୍ଣ୍ଣ ହୋଇଥିବା ବେଳେ ଜଗୁଆଳି ନିଯୁକ୍ତି ହୋଇ ନ ଥିବାରୁ ଅନେକ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଗଲାଣି। ପାର୍କ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାରୁ ଏହା ଅଞ୍ଚଳର ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ପାଲଟିଛି। କଣ୍ଟାମାଳ ଅଞ୍ଚଳର ଛୋଟ ଛୋଟ ଶିଶୁଙ୍କ ପାଇଁ ଥିବା ଏକମାତ୍ର ଶିଶୁ ଉଦ୍ୟାନକୁ ପୁନଃଉଦ୍ଧାର କରାଗଲେ ସୋମନଙ୍କ ମନୋରଞ୍ଜନ ହେବା ସହିତ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ। ବ୍ଲକ କାର୍ଯ୍ୟାଳୟରୁ ମାତ୍ର ୨୦୦ ମିଟର ଦୂରରେ ଥିବା ପାର୍କର ଏଭଳି ଅବସ୍ଥା ଦେଖି ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କଣ୍ଟାମାଳ ବିଡ଼ିଓଙ୍କୁ ପଚାରିବାରୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତକୁ ଦିଆଯାଇଛି। କ'ଣ ହେଇଛି ଦେଖିବେ ବୋଲି କହିଥିଲେ। ପ୍ରଶାସନ ତୁରନ୍ତ ଅଞ୍ଚଳବାସୀଙ୍କ ଦାବିକୁ ସମ୍ମାନ ଜଣାଇ ଏହି ଶିଶୁ ଉଦ୍ୟାନକୁ କାର୍ଯ୍ୟକ୍ଷମ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ।

## ୧୪ରେ ପଲଶାଗୋରା ପ୍ରସିଦ୍ଧ ମକର ଯାତ୍ରା

**ପଲଶାଗୋରା, ୧୦।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାରେ ଚଳିତ ମାସ ୧୪ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ ପ୍ରସିଦ୍ଧ ମକର ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ଶେଷ ହୋଇଛି। ୪ତାରିଖ ମକର ସଂକ୍ରାନ୍ତି ଦିନ ପୂର୍ବାହ୍ନ ୯ଟାରୁ ୨୪ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ୧୭ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ସହିତ ପ୍ରତିଦିନ ସନ୍ଧ୍ୟାରେ ସଭା ସହ ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ଅବସରରେ ଅନୁଷ୍ଠାନର ପୂର୍ବତନ ସଦସ୍ୟ ଓ ଅଞ୍ଚଳର କଳାକାର, ସଂସ୍କୃତି ପ୍ରେମୀଙ୍କୁ କମିଟି ତରଫରୁ ସମ୍ମାନିତ କରାଯିବ ବୋଲି କମିଟି ସଭାପତି ରବୀନ୍ଦ୍ର ପ୍ରଧାନ କହିଛନ୍ତି। ୧୪ ତାରିଖରେ ବରପଦର ବଉଲି କଳାପରିଷଦର କଳାକାରଙ୍କ ଦ୍ୱାରା ଘୁଡୁକା ନାଚ ପରିବେଷଣ ହେବ। ୧୫ ତାରିଖରେ ବୀଣାପାଣି ସାହିତ୍ୟ ସଂସଦ କଳାକାରଙ୍କ ଦ୍ୱାରା ନାଟକ ବଳଦ ପରିବେଷଣ ହେବ। ୧୬ ତାରିଖରେ ବରଗଡ଼ କଳାଜୀବୀର କଣ୍ଠଶିଳ୍ପୀ ପଦ୍ମଶ୍ରୀ ଖଟେଇ ଓ ସାଥିଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ରହିଛି। ୧୭ ତାରିଖ ମଧ୍ୟାହ୍ନ ୧୨ଘଣ୍ଟାରୁ ତୁର୍କୀ (କଳାହାଣ୍ଡି)ଓ ଗଣ୍ଡିଆପାଲି ମଧ୍ୟରେ ବୈଠକି କୀର୍ତ୍ତନ କାର୍ଯ୍ୟକ୍ରମ ହେବ ବୋଲି କମିଟି ସଭାପତି ରବୀନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ପଞ୍ଚାନନ ଖମାରୀ ପ୍ରେସ୍ ବିବୃତ୍ତିରେ କହିଛନ୍ତି।

## ଧାରଣାରତ ମହିଳାଙ୍କ ଟେଣ୍ଟ ଜବତ କଲା ପ୍ରଶାସନ

**ବୌଦ୍ଧ, ୧୦।୧(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦିବାରାତ୍ର ଧାରଣାରେ ବସିଥିବା ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୋହିରାପାଲି ଗ୍ରାମର ମହିଳାଙ୍କ ଟେଣ୍ଟକୁ ପ୍ରଶାସନ ଖୋଲି ନେଇଛି। ଗୋହିରାପାଲି ଅଙ୍ଗନବାଡି କେନ୍ଦ୍ରର କର୍ମୀ ନିଯୁକ୍ତିରେ ଅନିୟମିତତା ପ୍ରତିବାଦରେ ମହିଳାମାନେ ଗତ ବୁଧବାରଠାରୁ ଟେଣ୍ଟ ମାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଗୁରୁବାର ସନ୍ଧ୍ୟାରେ ପ୍ରଶାସନ ସହ ଆନ୍ଦୋଳନକାରୀଙ୍କ ଦୁଇ ଥର ଆଲୋଚନା ହୋଇଥିଲେ ମଧ୍ୟ ବିଫଳ ହୋଇଥିଲା। ଶୁକ୍ରବାର ବୌଦ୍ଧ ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ତହସିଲଦାର ଲଗ୍ନଜିତ ବେହେରା, ବୌଦ୍ଧ ଥାନା ଆଇଆଇସି ରଞ୍ଜିତ ମୁନୀ ଧାରଣା ସ୍ଥଳକୁ ଯାଇ ଧାରଣାରୁ ଓହରି ଯିବାକୁ ବୁଝାଇଥିଲେ। ମହିଳାମାନେ ଦାବି ପୂରଣ ପର୍ଯ୍ୟନ୍ତ ଧାରଣାରେ ବସି ରହିବା ପାଇଁ ଜିଦ ଧରିଥିବ ହେତୁ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ୍ ଟେଣ୍ଟ ସାମଗ୍ରୀ, ଗଦି ଓ ପାଲ ଆଦି ଜବତ କରି ଥାନାକୁ ନେଇଯାଇଛି। ଏହା ଫଳରେ ମହିଳାଙ୍କ ଧାରଣା ଭଣ୍ଡୁର ହୋଇଯାଇଛି।

## ଷଷ୍ଠ ଖଡ଼ଙ୍ଗ ଲୋକ ମହୋତ୍ସବ ଉଦ୍‌ଘାଟିତ

**ଶଗଡ଼ା, ୧୦।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ମକରପଡ଼ିଆରେ ଆୟୋଜିତ ଷଷ୍ଠ ଖଡ଼ଙ୍ଗ ଲୋକମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କଂସ ଦରବାରର ରଙ୍ଗ ସଭାରେ ରାଜ ଅତିଥି ଭାବେ ପୂର୍ବତନ କଣ୍ଟାମାଳ ବିଧାୟକ ମହିଧର ରଣା, ଜିଲ୍ଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନିଳାଚଳ ଭୋଇ, ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ବାଲିଗୁଡ଼ା ବ୍ଲକ କନ୍ଧମାଳ ସାଂସଦ ପ୍ରତିନିଧି ଦେବେନ୍ଦ୍ର କୁଦେଇ, ଅନୁଷ୍ଠାନର ଉପଦେଷ୍ଟା କାର୍ତ୍ତିକେଶ୍ୱର ବେହେରା, ସଭାପତି ମନୋଜ ଦାଶ, କଣ୍ଟାମାଳ ବ୍ଲକ ଆଦିବାସୀ ସଂଘର ଉପସଭାପତି ପିତାମ୍ବର ଭୋଇ, ଖୁଣ୍ଟିଗୋରା ଗ୍ରାମର ଗୌନ୍ତିଆ ନରେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସୁଶାନ୍ତ ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରଶାନ୍ତ ରଣା ଅତିଥି ପରିଚୟ ଦେଇଥିଲେ। ଭକ୍ତ ସାହୁ, ଲମ୍ବୋଦର ସାହୁ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଖଟଖଟିଆରେ ବିଶ୍ୱ ହିନ୍ଦୀ ଦିବସ



ମନମୁଣ୍ଡା, ୧୦।୧(ସମିସ): ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟରେ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶଥପଥୀ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ସମୀର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସ୍ଥିତ ଶିକ୍ଷକ ସୁରେନ୍ଦ୍ର କମ୍ପ, ନୃପମଣୀ ମହାଲିକ, ଦୀପ୍ତିମୟୀ ବୈଠାରୁ, ବନିତା ମେହେର, ଶୈଳେନ୍ଦ୍ର ବସ୍ତିଆ ପ୍ରମୁଖ ବିଶ୍ୱ ହିନ୍ଦୀ ଦିବସର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱର ୫-୬ଟି ଭାଷା ମଧ୍ୟରୁ ହିନ୍ଦୀ ଭାଷାର ଗୁରୁତ୍ୱ କେତେ ତାହା ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ କହିଥିଲେ। ଏଥିରେ ଛାତ୍ରୀ ଆରୁଷି କମ୍ପ, ଶ୍ୱେତଲିନା କମ୍ପ, ଶ୍ରେୟାରଣୀ ପାଢ଼ୀ, ସୁନିତା ପ୍ରଧାନ, ସିଦ୍ଧିସ୍ୱରୂପା ନାଏକ ପ୍ରମୁଖ ହିନ୍ଦୀ କବିତା ପାଠ କରିବା ସହ ହିନ୍ଦୀ ଭାଷାର ମହତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଛାତ୍ର ଦୁର୍ବାଦଳ ଅମାତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରଞ୍ଜୁ ଅମାତଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଖେଳ ଓ ପାଠ ପରସ୍ପର ପରିପୂରକ'



**ସୁବଳୟା, ୧୦।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରାମହାରାଜପୁର ବ୍ଲକ ଖଣ୍ଡହତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ନାଏକଙ୍କ ନେତୃତ୍ୱରେ କ୍ରୀଡ଼ା ଉତ୍ସବ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀରାମହାରାଜପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଦୀନବନ୍ଧୁ ମେହେର, ମୁଖ୍ୟବକ୍ତା ଭାବେ ରବୀନ୍ଦ୍ରନାଥ ଜୁନିୟର କଲେଜର ଇତିହାସ ଅଧ୍ୟାପକ ଧନଞ୍ଜୟ ସାହୁ ଓ ସମ୍ମାନିତ ଅତିଥି ଭାବେ ସିଆରସିସି ପୂର୍ଣ୍ଣି ବୁଡ଼େକ, ପରିଚାଳନା କମିଟି ସଭାପତି ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ପାଠପଢ଼ା ସହିତ ଖେଳର ମଧ୍ୟ ଆବଶ୍ୟକତା ରହିଛି। ଖେଳ କସରତ କଲେ ମନରେ ସ୍ଥିରତା ରହି ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ମନଯୋଗ ରହେ। ତେଣୁ ଖେଳ ଏବଂ ପାଠ ଉଭୟେ ପରସ୍ପର ପରିପୂରକ। ଯାହାକି ପାଠ୍ୟକ୍ରମରେ ମଧ୍ୟ ଖେଳ ସ୍ଥାନିତ ହୋଇଛି ବୋଲି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ନାରାୟଣ ଜଗଦଳା ସଭା ସଂଯୋଜନା କରିଥିବା ବେଳେ ଖେଳ ଶିକ୍ଷକ ବୀରେନ୍ଦ୍ର ମିଶ୍ର ଓ ଶିକ୍ଷକ ଶେଷଦେବ ପଧାନ ଖେଳ ପରିଚାଳନା କରିଥିଲେ। ଏଥିରେ ଉଚ୍ଚ ଡିଆଁ, ଲମ୍ବ ଡିଆଁ, ୧୦୦ ମିଟର, ୨୦୦ ମିଟର ଦୌଡ଼, ପୁଚି ଖେଳ ଓ ଦୌଡ଼ି ଡିଆଁ ଇତ୍ୟାଦି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ବଳରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ତରଭା:** ଗୁଡ୍‌ୱିଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ସରକାରୀ ବାଳକ ହାଇସ୍କୁଲ ଖେଳପଡ଼ିଆରେ ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳକ ବିରଞ୍ଚି ନାରାୟଣ ମାହାଣାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ ମାହାଣା, ତରଭା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ ସାହୁ, ଏଇଏସ କଲେଜ ପିଇଟି ସଞ୍ଜୀବ ସାହୁ ଓ ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବାସହ ଖେଳ ମାଧ୍ୟମରେ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ମା' ବାଗଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଅତିଥିମାନେ ମଶାଲ ପ୍ରଜ୍ୱଳନ ଓ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀ ଦିଶା, ପ୍ରିୟଦର୍ଶିନୀ, ପୁନମ ଓ ସାହିନ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ୨୫୦ ଜଣ ଛାତ୍ରଛାତ୍ରୀଙ୍କୁ ୬ଟି ଗ୍ରୁପରେ ବିଭକ୍ତ କରାଯାଇ ୫ଟି ଇଭେଣ୍ଟରେ ପ୍ରତିଯୋଗିତା କରାଯାଉଛି। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରୁଛନ୍ତି।



## ବୌଦ୍ଧର ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଚୋରି

**ବୌଦ୍ଧ, ୧୦।୧(ସମିସ):** ବୌଦ୍ଧର ପୁଣି ଏକ ମନ୍ଦିର ହୁଣ୍ଡିରୁ ଚୋରି ହୋଇଛି। ଏଥର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଚୋରି ହୋଇଛି। ଜିଲ୍ଲାର ସଦର ଥାନା ଅଧୀନ ବିଭିନ୍ନ ମଠ ମନ୍ଦିର ପୁଲିସ ପାଇଁ ଖୋଲା ଚ୍ୟାଲେଞ୍ଜ ହୋଇଛି। ବର୍ତ୍ତମାନ ଏହି ଚୋରିରୁ ବର୍ତ୍ତି ଯାଇଥିବା ଏକମାତ୍ର ଶ୍ରୀଜଗନ୍ନାଥ ମନ୍ଦିରକୁ ଟାର୍ଗେଟ କରିଛନ୍ତି ଚୋର। ବୌଦ୍ଧ ସହରର ଗଡ଼ଖାଇ ନିକଟରେ ଥିବା ଜିଲ୍ଲାର ପୁରାତନ ଶ୍ରୀଜଗନ୍ନାଥ ମନ୍ଦିରରେ ଗୁରୁବାର ବିଳମ୍ବିତ ରାତିରେ ଚୋରମାନେ ମନ୍ଦିର କବାଟର ତାଲା ଭାଙ୍ଗିବା ପରେ ଗରୁଡ ଖମ୍ବ ନିକଟରେ ଥିବା ଦାନବାକ୍ସର ତାଲା କାଟି ସେଥିରୁ ସମସ୍ତ ଅର୍ଥ ଲୁଟି ନେଇଛନ୍ତି। ଶୁକ୍ରବାର ଏକାଦଶୀ ତିଥିରେ ପୂଜକ ମନ୍ଦିରକୁ ଆସି କବାଟ ଖୋଲିବାକୁ ଯିବାବେଳେ ମନ୍ଦିର ତାଲା ଖୋଲାଥିବା ଦେଖିଥିଲେ। ଏହାପରେ ସେ କବାଟ ଖୋଲି ଭିତରକୁ ଯାଇ ଦାନ ବାକ୍ସ ଖୋଲା ଯାଇଥିବା ଓ ସେଥିରେ କିଛି ବି ଦାନ ଟଙ୍କା ନ ଥିବା ଦେଖିଥିଲେ। ସଙ୍ଗେସଙ୍ଗେ ପୂଜାରୀ ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ଖବର ପାଇ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମୁନୀ ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସାଇଣ୍ଟିଫିକ ଟିମ୍ ମନ୍ଦିରରେ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ବାରମ୍ବାର ମନ୍ଦିର ଲୁଟେରା ଗ୍ୟାଙ୍ଗ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ମନ୍ଦିର ଲୁଟ୍ କରୁଥିବା ବେଳେ ମନ୍ଦିରରେ ସିସିଟିଭି କ୍ୟାମେରା ଲଗାଯାଇ ପୁଲିସ ପାଟ୍ରୋଲିଂକୁ ଆହିକୁ କଡାକଡି କାର୍ଯ୍ୟକାରୀ କରିବାକୁ ଦାବି ହେଉଛି। ଚଳିତ ବର୍ଷ ଫେବୃଆରୀ ମାସରୁ ବୌଦ୍ଧର ଚନ୍ଦ୍ରଚୂଡ଼ ମନ୍ଦିର, ଗାୟତ୍ରୀ ମନ୍ଦିର, ହନୁମାନ ମନ୍ଦିର, ଜଳେଶ୍ୱର ମନ୍ଦିର, ଭୈରବୀ ମନ୍ଦିର, ବଘାରପାଲି ମନ୍ଦିର, ହରେକୃଷ୍ଣପୁର ମନ୍ଦିର, ଠିଡ଼ିକାଯୋର ଜଗନ୍ନାଥ ମନ୍ଦିର, ବନ୍ଧାପଥର ଶିବ ମନ୍ଦିର, ବୌଦ୍ଧ ରାମେଶ୍ୱର ମନ୍ଦିର ଇତ୍ୟାଦିରୁ ସିରିଜ ଚୋରି ହୋଇଥିବା ବେଳେ ପୁଲିସ କୌଣସି ଗୋଟିଏ ବି କେସ୍‌ର ସମାଧାନ କରିପାରି ନାହିଁ। କିଛି ଦିନର ବିରାମ ପରେ ଦୁର୍ବୃତ୍ତମାନେ ପୁଣି ମନ୍ଦିରକୁ ଟାର୍ଗେଟ କରିଥିବା ବେଳେ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ବାରମ୍ବାର ଏଭଳି ମନ୍ଦିରରୁ ଚୋରି ଘଟଣା ଭକ୍ତଙ୍କୁ ନିରାଶ କରିଛି।

## ବୋଲେରୋରୁ ୨୪ ବସ୍ତା ଗଞ୍ଜେଇ ଜବତ



**ଶଗଡ଼ା, ୧୦।୧(ସମିସ):** ମନମୁଣ୍ଡା ପୁଲିସ ଏକ ବଡଧରଣର ଗଞ୍ଜେଇ ଚୋରା ଚାଲାଣ ରାକେଟକୁ ଧରିଛି। ଗୋଟିଏ ବୋଲୋରୋରୁ ୨୪ ବସ୍ତା ଗଞ୍ଜେଇ ଜବତ ହୋଇଛି; ହେଲେ ମାଫିଆ ଫେରାର ମାରିଛନ୍ତି। ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ ହେଉଥିବ ମନମୁଣ୍ଡା ପୁଲିସ ଖବର ପାଇଥିଲା। ଶରଧାପାଲି ଛକ ପାଖରେ ପାଟ୍ରୋଲିଂ ସମୟରେ ବୋଲେରୋ (ଓଡି ୦୩ ୱାଇ ୩୯୮୪) ଧରା ପଡ଼ିଥିଲା। ଗାଡି ଭିତରେ ଏତେଗୁଡ଼ିଏ ବସ୍ତା ଦେଖି ପୁଲିସ ସନ୍ଦେହ କରିଥିଲା। ଯାଞ୍ଚ ବେଳେ ୧୨ କୁଇଣ୍ଟାଲ ୧୧ କେଜି ଗଞ୍ଜେଇ ମିଳିଥିଲା। ପୁଲିସକୁ ଦେଖି ଗାଡି ଛାଡି ୩ ଗଞ୍ଜେଇ ମାଫିଆ ଫେରାର ମାରିଥିଲେ।

## ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କ ପରଲୋକ



**ବୀରମହାରାଜପୁର, ୧୦।୧ (ସମିସ):** ବୀରମହାରାଜପୁର ଉପକଣ୍ଠ ଚମ୍ପାପୁର ନିବାସୀ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶିକା ମୈଥିଳୀ ଦାଶ(୭୩)ଙ୍କ ପରଲୋକ ଘଟିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଦୀର୍ଘ ବର୍ଷ ଚାକିରି ପରେ ସେ ଅବସର ଗ୍ରହଣ କରିଛନ୍ତି। ଚାକିରି କାଳ ମଧ୍ୟରେ ଲୋକଙ୍କୁ ଆନ୍ତରିକତା ସହିତ ସେବା କରି ସେ ବେଶ୍ ପ୍ରିୟ ଭାଜନ ହୋଇ ପାରିଥିଲେ। ଶବାଧାରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରହିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ବର୍ଗ ଉପସ୍ଥିତ ଥିଲେ। ନିକଟସ୍ଥ ହରିହର ଯୋର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## କୁସଙ୍ଗ ହୋମିଓପାଥି ମେଡିକାଲରେ ସ୍ଥାୟୀ ଡାକ୍ତରଙ୍କ ଯୋଗଦାନ

**ହରଭଙ୍ଗା, ୧୦।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁସଙ୍ଗ ହୋମିଓପାଥି ଡାକ୍ତରଖାନାରେ ଡାକ୍ତର ନିହାରିକା ଟୁଡୁ ଯୋଗ ଦେଇଛନ୍ତି। ଏହି ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ପାଇଁ ଅଞ୍ଚଳବାସୀ ଓ ଜନପ୍ରତିନିଧିଙ୍କ ଭିତରେ ଦାବି ହୋଇ ଆସୁଥିଲା। କିଛିଦିନ ତଳେ ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ଓ ଅଞ୍ଚଳର ଜନସାଧାରଣ ବୌଦ୍ଧ ବିଧାୟକ ସରୋଜ ପ୍ରଧାନଙ୍କୁ ଏ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଅଞ୍ଚଳର ଲୋକମାନେ ଦୈନନ୍ଦିନ ବିଭିନ୍ନ କ୍ଷେତ୍ରରେ କୁସଙ୍ଗ ଉପରେ ନିର୍ଭର କରୁଥିବା ବେଳେ ଚିକିତ୍ସା ସେବା ପାଇଁ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଲୋକଙ୍କ ସୁବିଧା ପାଇଁ ତିଆରି ହୋଇଥିବା ହୋମିଓପାଥି ମେଡିକାଲଟି ଡାକ୍ତର ଅଭାବରୁ ଭୂତକୋଠି ହେବା ସହ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିଲେ ଅଞ୍ଚଳବାସୀ। ବିଳମ୍ବରେ ହେଲେ ମଧ୍ୟ ଡାକ୍ତର ଯୋଗ ଦେଇଛନ୍ତି।

# କାମରେ ଆସୁନାହିଁ ସୁରମ୍ୟ କୋଠା





**ସୋନପୁର, ୧୦।୧(ସମିସ):** ସୋନପୁରରେ ୪-୫ ଦିନ ହେବ ପ୍ରବଳ ଶୀତ ଅନୁଭୂତ ହେଉଛି। ତେବେ ରାତି ହୋଇଗଲେ ଜାଡ଼ ମାଡ଼ରେ ଦେହହାତ ଥରି ଯାଉଛି। ଏଭଳି ଶୀତରେ ସୋନପୁରରେ ଗରିବ ନିରାଶ୍ରୟମାନେ ବଡ଼ ହଇରାଣ ହେଉଛନ୍ତି। କେଉଁ ଦୋକାନ ପିଣ୍ଡା ତ କେଉଁ ପୂଜାମଣ୍ଡପ କଡ଼ରେ ଏମାନେ ରାତି ବିତାଉଛନ୍ତି। ବସ୍‌ଷ୍ଟାଣ୍ଡ ନିକଟରେ ବହୁ ନିରାଶ୍ରୟ ଏଭଳି ଦୋକାନ ପିଣ୍ଡାରେ ଆଶ୍ରା ନେଇ ଶୀତ ରାତି କାଟୁଥିବାର ଦେଖିବାକୁ ମିଳୁଛି। ଏପରିକି ପୌର ପରିଷଦ କାର୍ଯ୍ୟାଳୟର ଖଦାଳପଡ଼ା ଆଡକୁ ଥିବା ଗେଟ୍ ନିକଟରେ ଜଣେ ନିରାଶ୍ରୟ ଲୋକ ନିଆଁ ଜାଳି ଖୋଲା ଆକାଶ ତଳେ ଶୋଇଥିବାର ଦେଖିବାକୁ ମିଳିଛି। ତେବେ ଏଭଳି ଅବସ୍ଥାରେ ଲୋକେ ରାତି କାଟୁଥିବା ବେଳେ ପୁରୁଣା ଡାକ୍ତରଖାନା ନିକଟରେ ନିର୍ମାଣ ହୋଇଥିବା ଦୁଇ ମହଲା ବିଶିଷ୍ଟ ସୁରମ୍ୟ ଆଶ୍ରୟସ୍ଥଳରେ ତାଲା ଝୁଲୁଛି। ଉଦ୍‌ଘାଟନ ହେବା ଦିନଠାରୁ ବର୍ଷ ବର୍ଷ ହେଲା ଏଭଳି ବନ୍ଦ ହୋଇରହିଛି। ଅନ୍ତତଃ ଶୀତଦିନରେ ଏହା ଖୋଲା ଯିବା କଥା। ଗରିବ ଜନସାଧାରଣଙ୍କ ପାଇଁ ରାଜ୍ୟ ସରକାର ବହୁ ଯୋଜନା ପ୍ରଣୟନ କରୁଛନ୍ତି।

**ଖୋଲା ଆକାଶ ତଳେ ନିରାଶ୍ରୟ**

ତେବେ ତୃଣମୂଳସ୍ତରରେ ପରିଚାଳନାଗତ ତ୍ରୁଟି ଯୋଗୁଁ ତାହାର ସୁଫଳ ଲୋକେ ପାଇ ପାରୁନାହାନ୍ତି। ସରକାରଙ୍କ ନିର୍ଦ୍ଦେଶମାନି ନିରାଶ୍ରୟମାନେ ମୁଣ୍ଡ ଗୁଞ୍ଜିବାକୁ ପୌର ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଆଶ୍ରୟସ୍ଥଳ ନିର୍ମାଣ ହୋଇଛି ସତ ହେଲେ ଏହା ପ୍ରକୃତ ଲୋକଙ୍କ କାମରେ ଲାଗୁ ନାହିଁ। ଅଯଥାରେ ରାତ୍ରି ଆଶ୍ରୟସ୍ଥଳ ନାଁରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଛି ବୋଲି ମତପ୍ରକାଶ ପାଉଛି। ପ୍ରବଳ ଶୀତ ଯୋଗୁଁ ଖୋଲାରେ କେହି ଯେଭଳି ରାତି ନକଟାଇବେ ତାହା ସୁନିଶ୍ଚିତ କରିବା ପାଇଁ କୋର୍ଟଙ୍କ କଡ଼ା ନିର୍ଦ୍ଦେଶ ଥିଲେ ମଧ୍ୟ ସୋନପୁରରେ ତାହା ଠିକ୍ ଭାବେ ପାଳନ ହେଉନାହିଁ ବୋଲି ବରିଷ୍ଠ ଆଇନଜୀବୀ ଶ୍ୟାମାଓଁ ପ୍ରସାଦ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ନୂତନ ଭାବେ ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳ ଖୋଲିବା ପାଇଁ ଏକ ଏସ୍‌ଏଚ୍‌ଜି ସହ ଆଲୋଚନା ହୋଇଛି। ଯେ ଚାହିଁବ ଆଶ୍ରୟସ୍ଥଳରେ ରାତିରେ ରହିପାରିବ ବୋଲି ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସୋନପୁର ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ କହିଛନ୍ତି। ତେବେ ଏହି କୋଠା ସମ୍ପର୍କରେ ଲୋକେ ନଜାଣିଲେ ନିରାଶ୍ରୟମାନେ କିଭଳି ଆସିବେ ବୋଲି ସାଧାରଣରେ ପ୍ରଶ୍ନ ହୋଇଛି।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର



**ସୁନ୍ଦରଗଡ଼, ୧୦।୧(ସମିସ):** ଲେଫ୍ରିପଡ଼ା ବ୍ଲକର ସର୍ଗିପାଲିସ୍ଥିତ ଏସ୍‌ଆରଡିଏମ୍‌ଏନ ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ଦେଓଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳି ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବରିଷ୍ଠ ଅଧ୍ୟାପକ ଡ. ଭଗବାନ ପଟେଲ, ଅଧ୍ୟାପକ ରଞ୍ଜନ କୁମାର ସାମନ୍ତରାୟ, ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍‌ର ବିଭିନ୍ନ ଦିଗର ଆବଶ୍ୟକତା ଓ ସାମ୍ପ୍ରତିକ ପରିସ୍ଥିତିରେ ଏହାର ଗୁରୁତ୍ୱାରୋପ କରିଥିଲେ। ସନାତନ ଖୁଣ୍ଟିଆ ଏହାକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ସଙ୍ଗୀତା ମାଝୀ ଧନ୍ୟବାଦ ଦେଇଥିଲେ।

**ବାବୁଲି କାକ୍ ହତ୍ୟାକାଣ୍ଡ ଘଟଣା**

# ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

ସୁନ୍ଦରଗଡ଼, ୧୦।୧(ସମିସ)

ଗତ ୪ ତାରିଖ ସନ୍ଧ୍ୟାରେ ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ରାଣିବଗିଚା ଠାରେ ଘଟି ଯାଇଥିବା ବାବୁଲି କାକ୍ ହତ୍ୟାକାଣ୍ଡରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ ହେଁ ପରିସ୍ଥିତି ଶାନ୍ତ ପଡ଼ିନାହିଁ। ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଆହୁରି କେତେକ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ନ ଥିବା ଅଭିଯୋଗ ଆଣି ଶୁକ୍ରବାର ସ୍ଥାନୀୟ ଗାନ୍ଧୀପଡ଼ାର ଲୋକେ ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଡ଼ାର ଶତାଧିକ ମହିଳା, ପୁରୁଷ ବିଭିନ୍ନ ପ୍ଲା-କାର୍ଡ ପ୍ରଦର୍ଶନ ପୂର୍ବକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ ପରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍ମାରକପତ୍ରରେ ସେମାନେ ବାବୁଲିଙ୍କୁ ଜଣେ ମଦ ବିରୋଧୀ କାର୍ଯ୍ୟକର୍ତ୍ତା ଥିଲେ ଏବଂ ଗାନ୍ଧୀପଡ଼ାରୁ ଦେଶୀ ମଦ ଭାଟି ଉଚ୍ଛେଦରେ ତାଙ୍କ ଉଲ୍ଲେଖନୀୟ ଅବଦାନ ଥିବା ଦର୍ଶାଯାଇଛି। ସେହିପରି ସୁନ୍ଦରଗଡ଼ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ମଧ୍ୟ ଅବଦାନ ରହିଥିବା ସେମାନେ ଦର୍ଶାଇଛନ୍ତି। ଘଟଣା ପରେ ତାଙ୍କ ପଡ଼ାର ୧୦-୧୫ଟି ପରିବାର ଫେରାର ଥିବାରୁ ସେମାନେ ଗିରଫ ଅଭିଯୁକ୍ତଙ୍କ ସହିତ ମିଶି ଉକ୍ତ ବର୍ବର ହତ୍ୟାକାଣ୍ଡ ଘଟାଇଥିବା ଅଭିଯୋଗ କରିଛନ୍ତି। ଏହି ପରିବାରଗୁଡିକ ସରକାରୀ ଜମିରେ ଘର ତିଆରି କରିଥିବାରୁ ବେଦଖଲ କରିବାକୁ ଦାବି ଜଣାଇଛନ୍ତି। ସେହିପରି ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ମୃତ ବାବୁଲିଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ଘଟଣାଦିନ ଅଭିଯୁକ୍ତମାନେ ଉକ୍ତ ହତ୍ୟାକାଣ୍ଡ ଭିଆଇବା ପରେ ସୌରଭ ଓରଫ ପାହାଡ ମୁଖୀ (୨୫), ରଜତ ଓରଫ୍ ବୀରୁ ଘାଷି (୨୪) ଓ ପ୍ରଥମ ସେନ୍ଦିଆ ଓରଫ୍ ଘାଷି (୨୫) ମାରଣାସ୍ତ୍ର ହସ୍ତରେ ଥାନାକୁ ଯାଇ ଆତ୍ମ ସମର୍ପଣ କରିଥିଲେ। ପରେ ପୁଲିସ ପ୍ରଦ୍ୟୁମ୍ନ ତଣ୍ଡିଆ (୨୫)ଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମୃତ ବାବୁଲିଙ୍କ ଭାଇ ତ୍ରିଲୋଚନ କାକ୍ ଥାନାରେ ଦେଇଥିବା ଏତଲାରେ ସମ୍ପୃକ୍ତ ଗିରଫ ଅଭିଯୁକ୍ତଙ୍କ ସମେତ ଆହୁରି କେତେକ ଅଭିଯୁକ୍ତ ମଧ୍ୟ ସମ୍ପୃକ୍ତ ଥିବା ଦର୍ଶାଇ ଥିଲେ। ତେବେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କ ବ୍ୟତୀତ ଅଦ୍ୟାବଧି ଅନ୍ୟ କେହି ଗିରଫ ହୋଇ ନାହାନ୍ତି।



**● ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ**

## ଗଣ୍ଡଗୋଳ ମାମଲାର ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ଼, ୧୦।୧(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ଆରଆର୍‌ଆଇଟିରେ ଘଟି ଯାଇଥିବା ଗଣ୍ଡଗୋଳ ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମ ସୋନୁ ପାଣ୍ଡବ (୨୨) ବୋଲି ଜଣାପଡ଼ିଛି।

## ଚୂଡ଼ାନ୍ତ ଅନୁମୋଦନ ଅପେକ୍ଷାରେ ନୂଆ ରେଳପଥ

**ସୁନ୍ଦରଗଡ଼, ୧୦।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ସରଡେଗାରୁ ଛତିଶଗଡ଼ ରାଜ୍ୟର ପଥଲଗାଁ ଏବଂ ପଥଲଗାଁରୁ ଅମ୍ବିକାପୁର ଦୁଇଟି ଯାକ ପ୍ରସ୍ତାବିତ ରେଳ ପ୍ରକଳ୍ପକୁ ଗୋଟିଏ ପ୍ରକଳ୍ପରେ ମିଶାଇ ଚୂଡ଼ାନ୍ତ ଅନୁମୋଦନ ପାଇଁ ରେଳବାଇ ବୋର୍ଡକୁ ପଠା ଯାଇଥିବା ସୂଚନା ମିଳିଛି। ଏହି ଖବର ମିଳିବା ପରେ ସୁନ୍ଦରଗଡ଼, ଯଶପୁରନଗର ଓ ଅମ୍ବିକାପୁର ଜିଲ୍ଲାର ଅଧିବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ରେଳ ବିକାଶ ସଂଘର୍ଷ ସମିତି (ଓଡ଼ିଶା, ଛାତିଶଗଡ଼, ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶ) ସହ ସମସ୍ତ ସାଂସଦ ଓ ବିଧାୟକଙ୍କ ପ୍ରୟାସରେ ଏହା ସଫଳ ହେବାକୁ ଯାଉଥିବାରୁ ରେଳ ବିକାଶ ସଂଗ୍ରାମ ସମିତିର ମହା ସଚିବ ଧ୍ରୁବ କାଲୋ କୃତଜ୍ଞତା ଜ୍ଞାପନ କରିବା ସହ ୨୦୨୫ ରେଳ ବଜେଟ ଅର୍ଥ ବ୍ୟବସ୍ଥା ପାଇଁ ମଧ୍ୟ ସଂଘର୍ଷ ଜାରି ରଖିବାକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ବିଗତ ୧୯୭୩ ମସିହାରୁ ଯଶପୁର ରାଜା ଜୁଦେବ ସିଂହ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ଏ ଦିଗରେ ପ୍ରୟାସ ଆରମ୍ଭ କରିଥିଲେ।

## ବିଷପାନ କରି ଜୀବନ ହାରିଥିବା ଚାଷୀଙ୍କ ଅନ୍ତିମ ସଂସ୍କାର

**ସୁନ୍ଦରଗଡ଼, ୧୦।୧(ସମିସ):** ବିଷପାନ କରି ଜୀବନ ହାରିଥିବା ଧରୁଆଡିହି ଥାନା ଅଧୀନ ବାଗନିପାନି ଗ୍ରାମର ଜଣେ ଚାଷୀଙ୍କ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଶବ ବ୍ୟବଚ୍ଛେଦ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରାଯାଇଛି। ବାଗନିପାନି ଗ୍ରାମର କୀର୍ତ୍ତନ ନାଏକଙ୍କ ପତ୍ନୀଙ୍କ ସମେତ ୨ ବିବାହିତ ପୁଅ ଝିଅଙ୍କ ତଥା ଜଣେ ଅବାହିତା ଝିଅ ରହିଛନ୍ତି। ପରିବାର ବୋଝ ବଢ଼ିବା ପରେ ସେ ଆର୍ଥିକ ଅନାଟନରେ କାଳାତିପାତ କରୁଥିଲେ। ତେବେ ଶୁକ୍ରବାର ସକାଳେ ସେ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଟୋଲେଗେଟ୍‌ରେ ଫାସ୍‌ଟ୍ୟାଗ୍ ସେବା ଆରମ୍ଭ




**ସୁନ୍ଦରଗଡ଼, ୧୦।୧(ସମିସ):** ଶୁକ୍ରବାର ମଧ୍ୟରାତ୍ରିରୁ ସୁନ୍ଦରଗଡ଼ ଜିଲ୍ଲାର ୨ଟି ଏଲ୍‌ଆଣ୍ଡଟି ବିଜୁ ଏକ୍ସପ୍ରେସ୍‌ୱେର ଟୋଲେଗେଟ୍‌ରେ ଫାସ୍‌ଟ୍ୟାଗ୍ ସେବା ଆରମ୍ଭ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟୱାନ୍ ମହାଜନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସୁବିଧା ଦ୍ୱାରା ସାଧାରଣ ଜନତାଙ୍କ ଯାତ୍ରା ଆହୁରି ସହଜ, ସୁରକ୍ଷିତ ଓ ସୁବିଧାଜନକ ହେବ। ଯେଉଁମାନେ ପୂର୍ବରୁ ଟୋଲ୍ ରିଚାର୍ଜ କରିସାରିଛନ୍ତି, ସେମାନଙ୍କର ବାଲାନ୍ସ ସ୍ୱତଃସ୍ଫୂର୍ତ୍ତ ଭାବେ ଫାସ୍‌ଟ୍ୟାଗ୍ ସହ ଲିଙ୍କ୍ ହୋଇଯିବ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଫାସ୍‌ଟ୍ୟାଗ୍‌ରୁ କୌଣସି ଅତିରିକ୍ତ ରାଶି କଟାଯିବ ନାହିଁ। ଫାସ୍‌ଟ୍ୟାଗ୍ ରିଚାର୍ଜ କରି ଟ୍ୟାଗ୍‌କୁ ବ୍ୟାଙ୍କ ସହ ଲିଙ୍କ୍ କରିବା ପାଇଁ ଆରଟିଓ ପକ୍ଷରୁ ସମସ୍ତ ଚାଳକଙ୍କୁ ସଚେତନ କରାଯାଉଛି। ଗେଟ୍‌ରେ ନଗଦ କାରବାରରୁ ଦୂରେଇ ରହିବା ସହ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ନିବେଦନ କରାଯାଇଛି।

## ଦୁଇ ଟ୍ରକ୍ ମଧ୍ୟରେ ଧକ୍କା; ଜଣେ ମୃତ



**ହେମଗିରି, ୧୦।୧(ସମିସ):** ଏମ୍‌ସିଏଲ କନିକା ମୁଖ୍ୟରାସ୍ତାର କାନ୍‌ଠଥଡୁଙ୍ଗୁରି ମୋଡଣିଠାରେ ଦୁଇ ଭାରୀଯାନ ମଧ୍ୟରେ ଧକ୍କା ହେବା ଯୋଗୁଁ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ଜଣକ ଝାଡ଼ଖଣ୍ଡର ଧନବୀର ପାହାନ ୨୮ ବୋଲି ଜଣାପଡ଼ିଛି। ଏମ୍‌ସିଏଲ ପଟୁ କନିକାପଟକୁ ରାସ୍ତାର ଗୋଟିଏ ପାର୍ଶ୍ୱ ରେ ଆସୁଥିବା କୋଇଲା ବୋଝେଇ ଭାରୀଯାନକୁ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଆଉ ଏକ ଭାରୀଯାନ ଭାରସାମ୍ୟ ହରାଇ ରାସ୍ତା କଡ଼ ଡିଭାଇଡ଼ରରୁ ଡେଇଁ ଧକ୍କା ଦେଇଥିଲା। ଫଳରେ କୋଇଲା ବୋଝେଇ ଭାରୀଯାନଙ୍କ ଚାଳକଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ।

## କ୍ୟୁଜିଆଇଏସ୍ ଓ ଗୁଗୁଲ୍ ଆର୍ଥ ଇଞ୍ଜିନ ଉପରେ କର୍ମଶାଳା

**ସୁନ୍ଦରଗଡ଼, ୧୦।୧(ସମିସ):** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଭୁତତ୍ତ୍ୱ ବିଜ୍ଞାନ ବିଭାଗ ଆନକୂଲ୍ୟରେ କ୍ୟୁଜିଆଇଏସ୍ ଓ ଗୁଗୁଲ୍ ଆର୍ଥ ଇଞ୍ଜିନ ଉପରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ଏହାକୁ ଉଦ୍‌ଘାଟନ କରିବା ସହ ଏହାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ନ୍ୟାସନାଲ ଜିଓଫିଜିକାଲ ରିସର୍ଚ୍ଚ ଇଷ୍ଟିଚ୍ୟୁଟ୍‌ର ଗବେଷକ ସମ୍ବିତ ସ୍ୱାଇଁ ଗୁଗୁଲ୍ ଆର୍ଥ୍ ଇଞ୍ଜିନ ଉପରେ ବିସ୍ତୃତ ଭାବରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କୁ ତାଲିମ୍ ଦେଇଥିଲେ। ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସ୍ନାତକୋତର ଛାତ୍ର ଭାରତଭୂଷଣ, ଚନ୍ଦନ ଆପାତ୍ କ୍ୟୁଜିଆଇଏସ୍ ଉପରେ ଆଲୋକପାତ କରି ମାର୍ଗଦର୍ଶନ କରିଥିଲେ। ଉକ୍ତ କର୍ମଶାଳାରେ ସୁନ୍ଦରଗଡ଼ ମହାବିଦ୍ୟାଳୟ ସହିତ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଭୂତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଶିବ ପ୍ରସାଦ ମହାନ୍ତ ଏହାକୁ ପରିଚାଳନା କରିଥିଲେ।



## ବାଲିଶଙ୍କରା ଝିଅ 'ଜୁନିଅର ମିସ୍ ଇଣ୍ଡିଆ'ରେ ଦ୍ୱିତୀୟ

**ବାଲିଶଙ୍କରା, ୧୦।୧(ସମିସ):** ବାଲିଶଙ୍କରା ପଞ୍ଚାୟତର ଉମାକାନ୍ତ କରାଳି ଓ ପିଙ୍କିପ୍ରିୟା ହାତୀଙ୍କ ଝିଅ ସୋନମ କରାଳି ଜୁନିଅର ମିସ ଇଣ୍ଡିଆ ପ୍ରତିଯୋଗିତାରେ ଯୋଗଦେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସୋନମ ସୁନ୍ଦରଗଡ଼ ସେଣ୍ଟ ଟେରେସା ଇଂଲିଶ ମିଡିୟମ ସ୍କୁଲରେ ୪ର୍ଥ ଶ୍ରେଣୀରେ ପାଠପଢୁଛନ୍ତି। ଅତି ଗୌରବ କଥା କି ଇନ୍ଦୋରରେ ଅନୁଷ୍ଠିତ ଜୁନିଅର ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ସେ ଯୋଗଦେଇ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ୧୨୦ ପ୍ରତିଯୋଗୀ ମଧ୍ୟରୁ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ଅଜା ଇନ୍ଦ୍ରମଣି କରାଳି, ଆଈ ଶାନ୍ତିଲତା କରାଳି, ସୋନମଙ୍କ ବଡ଼ଭାଇ ସ୍ୱାଧୀନ କରାଳି ତଥା ତାଙ୍କ ପରିବାର ତରଫରୁ ଅଭିନନ୍ଦନ ଜଣାଇଛନ୍ତି।



## ଡିଏଭି ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୧୦।୧(ସମିସ):** ଏମ୍‌ସିଏଲ ଦ୍ୱାରା ପରିଚାଳିତ ଛଟେନପାଲିସ୍ଥିତ ଡିଏଭି. ପବ୍ଲିକ୍ ସ୍କୁଲର ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସୁର୍ଗୁଡ଼ାସ୍ଥିତ ତାରିଣୀ ମନ୍ଦିରଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ରାଜେଶ ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମଶାଲ ଶୋଭାଯାତ୍ରା କରିଥିଲେ। ଏହାପରେ ଅବସରପ୍ରାପ୍ତ ବିଶିଷ୍ଟ କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ରାଉତଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ଅଧ୍ୟକ୍ଷତା କରି କ୍ରୀଡ଼ା କ୍ଷେତ୍ରରେ ଏକ ଉନ୍ନତ ଭବିଷ୍ୟତ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ସେହିପରି ବିଦ୍ୟାଳୟର ଅଣଶୈକ୍ଷିକ କର୍ମଚାରୀମାନଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ହୋଇଥିବାବେଳେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ପାସିଂ ଦି ବଲ୍ ପ୍ରତିଯୋଗିତା କରା ଯାଇଥିଲା। ଶିକ୍ଷକ ରାଜକମଲ ଯାଦବ ଖେଳ ପରିଚାଳନା କରିଥିଲେ।



**ବାଲିଶଙ୍କରା ପଞ୍ଚାୟତ ସମିତି ବୈଠକ**

# ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ

ବାଲିଶଙ୍କରା, ୧୦।୧(ସମିସ)




ବାଲିଶଙ୍କରା ପଞ୍ଚାୟତ ସମିତି ସଭାଗୃହରେ ୧୦ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇ ଥିଲେ। ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଚାଲିଥିବା ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ପିଡିଏସ୍ ଚାଉଳ ପରିମାଣ ଠିକ୍ ଭାବେ ଦିଆଯାଉ ନ ଥିବା ନେଇ ସଉନାମରା ସରପଞ୍ଚ ତୁଲୁ ବାର୍ଲା ଓ ସମସ୍ତ ଜନପ୍ରତିନିଧି ଅଭିଯୋଗ କରିଥିଲେ। ସେହିପରି ଡୁମୁଲିଆ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପ୍ରସ୍ତାବ ଦେଉଥିଲେ ସୁଦ୍ଧା ଠିକଭାବେ କାର୍ଯ୍ୟକାରୀ ହେଉ ନ ଥିବାବେଳେ ସରପଞ୍ଚ ଦେବଲାଲ ଲାକଡା ଓ ସମିତି ସଭ୍ୟା କଳ୍ପନା ପ୍ରଧାନ ଅଭିଯୋଗ କରିଥିଲେ। ବିଇଓଙ୍କୁ ଧରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ପାଇଁ ହାତଗୁଞ୍ଜା ନେଉଥିବା ଅଭିଯୋଗ ହୋଇଥିଲା। ଉକ୍ତ ବୈଠକରେ ବନବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ତହସିଲ ଓ ପୁଲିସ ଅଧିକାରୀମାନେ ଉପସ୍ଥିତ ରହୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ଜିଲ୍ଲା ପରିଷଦ (ଖ) ଜୋନ୍ ସଭ୍ୟା ଜୟନ୍ତୀ ଏକ୍କା, ସାଂସଦ ପ୍ରତିନିଧି ଉଚ୍ଛବ ତନ୍ତୀ, ବିଧାୟକ ପ୍ରତିନିଧି ରବିଚନ୍ଦ୍ର ପଟେଲ ପ୍ରମୁଖ ଯୋଗଦେଇ ଥିଲେ। ଜିପିଇଓ ପାସ୍କାଲ ଲାକଡା ପୂର୍ବ ବିବରଣୀ ପାଠ କରିଥିଲେ।ଜିପିଇଓ ପାସ୍କାଲ ଲାକଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସେବା ଯୋଜନାର ଉପଦେଷ୍ଟା ମଣ୍ଡଳୀ ବୈଠକ

**ସୁନ୍ଦରଗଡ଼, ୧୦।୧(ସମିସ):** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ଉପଦେଷ୍ଟା ମଣ୍ଡଳୀଙ୍କୁ ସ୍ୱାଗତ କରିବା ସହ ବୈଠକର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସହକାରୀ ଜଙ୍ଗଲ ସଂରକ୍ଷକ ରାଜ କୁମାର ସେଠୀ ଏଥିରେ ଯୋଗ ଦେଇ ଜଙ୍ଗଲ ନିଆଁର ଭୟାବହତା ଓ ଏହାର କୁପରିଣାମ ସମ୍ପର୍କରେ କହିଥିଲେ। ଜଙ୍ଗଲର କଳା ବାଘ, ଭାରତୀୟ ଧୂସର ବିଲୁଆ, ହାତୀ ଭଳି ଜୀବଜନ୍ତୁଙ୍କ ସଂରକ୍ଷଣ ସହିତ ପର୍ଯ୍ୟାବରଣର ସୁରକ୍ଷା ଦିଗରେ ସଚେତନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱେଚ୍ଛାସେବକ ଦିଗାମ୍ବର ଉପାଧ୍ୟାୟ ପ୍ଲାଷ୍ଟିକ ମୁକ୍ତ ପରିବେଶ ତଥା ଛତୁ ଉତ୍ପାଦନ ପ୍ରତି ଦୃଷ୍ଟି ଆକର୍ଷଣ କରିଥିବାବେଳେ ମହେନ୍ଦ୍ର କୁମାର ପଟେଲ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ନେହରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ମ.ବିଲୁଙ୍ଗ ଫଳଚାରା ରୋପଣ ଅଭିଯାନ ମାଧ୍ୟମରେ ଜଙ୍ଗଲ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନାର ଜିଲ୍ଲା ସଂଯୋଜକ ସୁଶାନ୍ତ କୁମାର ପଟେଲ ସରକାରଙ୍କର ନିୟମାବଳୀ ଅନୁଯାୟୀ ବିଶେଷ ଶିବିର ଗୁଡିକର ଆୟୋଜନ ମାଧ୍ୟମରେ ଅନୁମତିପ୍ରାପ୍ତ ପାଣ୍ଠିର ସହ ବିନିଯୋଗ କରିବା ପାଇଁ କହିଥିଲେ। ଜାତୀୟ ସେବା ଯୋଜନା ପୁରୁଷ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଶିବ ପ୍ରସାଦ ମହାନ୍ତି ପୂର୍ବ କାର୍ଯ୍ୟକ୍ରମର ଗୁଡିକର ବିବରଣୀ ପ୍ରଦାନ କରିଥିବା ବେଳେ ମହିଳା ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଅନିତା କୁମାରୀ ପରଜା ସମ୍ପାଦନା କରିଥିଲେ।



କର୍ଲାମୁଣ୍ଡା ପ୍ରେସ୍‌କ୍ଲବର ୨୭ତମ ବାର୍ଷିକୋତ୍ସବ ଓ ଆଲୋଚନାଚକ୍ର

# ‘ତଳସ୍ତରର ଭାବାବେଗକୁ କେବଳ ଗଣମାଧ୍ୟମ ଉଚ୍ଚସ୍ତରରେ ପହଞ୍ଚାଏ’

**କର୍ଲାମୁଣ୍ଡା, ୧୦।୧(ସମିସ):**

ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ। ଏହା ଏକ ଧର୍ମ। ସମାଜର ତଳସ୍ତରର ଲୋକଙ୍କ ଭାବାବେଗକୁ ଉଚ୍ଚସ୍ତରରେ ପହଞ୍ଚାଇପାରୁଥିବା ଏକାମାତ୍ର ମାଧ୍ୟମ ହେଉଛି ଗଣମାଧ୍ୟମ; କିନ୍ତୁ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରୁଥିବା ସାମ୍ବାଦିକମାନେ ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ଲୋକଙ୍କ ଆକ୍ରୋଶର ସମ୍ମୁଖୀନ ହୋଇଥାନ୍ତି। ସେମାନଙ୍କୁ ସୁରକ୍ଷା ଦେବାସହ ଗଣତନ୍ତ୍ର ଏହି ଚତୁର୍ଥସ୍ତମ୍ଭକୁ ଦୃଢ଼ କରିବା ସମସ୍ତଙ୍କ ଦାୟିତ୍ୱ। କର୍ଲାମୁଣ୍ଡା ପ୍ରେସ୍ କ୍ଲବର ୨୭ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଥିଲେ। ରିଷିଡାସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜରେ ପ୍ରେସ୍ କ୍ଲବ୍ ସଭାପତି ନରୋତ୍ତମ ସେଲମାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟିକା ମନୋରମା ମହାନ୍ତି ମୁଖ୍ୟଅତିଥି, ଜଗନ୍ନାଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଗଦାଧର ପଧାନ ମୁଖ୍ୟବକ୍ତା, ବିଡିଓ ଦେବେନ୍ଦ୍ର ସାମଲ, ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ ସୁନା,। ଜୋନ ଜିଲ୍ଲାପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବ୍ଲକ ସମିତି ସଭ୍ୟସଂଘ ସଭାପତି ନିମାଁଇଚରଣ ବେହେରା, ବରିଷ୍ଠ ସାମ୍ବାଦିକ ସୁରେଶ ଅଗ୍ରୱାଲ, ରାଜକୁମାର ସିଂହଦେଓ, ଯଯାତିକେଶରୀ ଦେଓ, ରିଷିଡା ସରପଞ୍ଚ ସେବତୀ ରଣା, ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ଉପଦେଷ୍ଟା କମ୍ବୁପାଣି ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ଶ୍ରୀ ସେଲମା ବିଧାନସଭାରେ ସାମ୍ବାଦିକ ସୁରକ୍ଷା ବିଲ୍ ଆଣିବା ତଥା ସାମ୍ବାଦିକ ପେନସନ ପ୍ରଦାନ ପାଇଁ ଦାବି ଉପସ୍ଥାପନା କରିବାକୁ ବିଧାୟିକାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସମ୍ପାଦକ ପ୍ରଦୀପ ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜର ରାଜନୀତି ବିଜ୍ଞାନ ପକ୍ଷରୁ ‘ମିଡିଆ ଦ ଫୋର୍ଥ ପିଲର ଅଫ ଡେମୋକ୍ରାସି ଏ କ୍ରିଟିକାଲ ଆନାଲିସିସ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଅବସରରେ ସୁରେଶ ଅଗ୍ରୱାଲଙ୍କୁ ରାଜୀବଲୋଚନ ସ୍ମାରକୀ ସାମ୍ବାଦିକତା ସମ୍ମାନ, ରାଜକୁମାର ସିଂହଦେଓଙ୍କୁ ଶହୀଦ ରୋହିତ ବିଶ୍ୱାଳ ସ୍ମାରକୀ ସାମ୍ବାଦିକତା ସମ୍ମାନ, ଯଯାତିକେଶରୀ ଦେଓଙ୍କୁ ଜଗଦୀଶ ନାଏକ ସ୍ମାରକୀ ଯୁବ ସାମ୍ବାଦିକତା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରେସ୍ କ୍ଲବର ସାଂଗଠାନିକ ସମ୍ପାଦକ ଭଜଶ୍ୟାମ ସାହୁ, ସତ୍ୟନାରାୟଣ କୁମାର, ସୁଶାନ୍ତ ମଲ୍ଲିକ, ସତ୍ୟବ୍ରତ ବଗର୍ତ୍ତୀ, ତିଶଙ୍କ ରଣା, ବବଲୁ ଦଣ୍ଡସେନା, ଲିପୁ ସେଠଙ୍କ ସମେତ ଅଧ୍ୟାପକ ହିରୋଜ ଚାନ୍ଦ, ଘନଶ୍ୟାମ ସାହୁ, ଶରତ ସାହୁ, କ୍ରୀଡା ଶିକ୍ଷକ ଲଳିତ ସାହୁ, ମକୁନ୍ଦ ରଣା, ନବୀନ କିଶୋର ରଣା, ଶିବପ୍ରସାଦ ରଣା, ଭଗବାନ ରଣା, ମିଥିଳା ରଣା ଏବଂ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଦିଗାମ୍ବର ରଣା, ସଦାନନ୍ଦ ବାଗ, ଅନ୍ତର୍ଯ୍ୟାମୀ ସାହୁ, ମାନିନୀ ସାହୁ, ପ୍ରଜ୍ଞାପରମିତା ସାହୁ, ଅଙ୍କିତା ନାଏକ ପ୍ରମୁଖ ସହଯୋଗ କରିଥିଲେ।



# ଜାତୀୟ ମତଦାତା ଦିବସ ପାଳନ ପାଇଁ ପ୍ରସ୍ତୁତି



**ଭବାନୀପାଟଣା, ୧୦।୧(ସମିସ):** ୧୫ତମ ଜାତୀୟ ମତଦାତା ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ୨୦୧୧ରୁ ଜାନୁୟାରୀ ୨୫ ତାରିଖ (ନିର୍ବାଚନ କମିଶନ ପ୍ରତିଷ୍ଠା ଦିବସ)କୁ ଜାତୀୟ ମତଦାତା ଦିବସ ରୂପେ ପାଳନ କରିବା ପାଇଁ ଭାରତର ନିର୍ବାଚନ କମିଶନ ସ୍ଥିର କରିଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାମ ପଞ୍ଜୀକରଣ ବୃଦ୍ଧି କରିବା ଏବଂ ସାବାଳକ ମତଦାନ ଅଧିକାରକୁ ଏହି ଉତ୍ସବ ମାଧ୍ୟମରେ ବାସ୍ତବ ରୂପରେଖ ଦେବା ସହିତ ଭାରତୀୟ ଗଣତନ୍ତ୍ରର ମାନ ବୃଦ୍ଧି କରିବା। ଏହି ଦିବସ ମାଧ୍ୟମରେ ଗଣତନ୍ତ୍ର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ମତଦାତାଙ୍କ ମଧ୍ୟରେ ସଚେତନତା ପ୍ରସାର କରିବା ଉଦ୍ଦେଶ୍ୟରେ ୨୫ ତାରିଖରେ ଜିଲ୍ଲା ସମେତ ଉପଖଣ୍ଡ ମହକୁମା ଏବଂ ମତଦାନ କେନ୍ଦ୍ରରେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ୨୫ ତାରିଖ ସକାଳ ୮ଟାରୁ ୯ଟା ମଧ୍ୟରେ ପଦଯାତ୍ରା କାର୍ଯ୍ୟକ୍ରମ କରାଯିବ। ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବକ୍ତୃତା, ରଚନା ଓ ଚିତ୍ରକଳା ପ୍ରତିଯୋଗିତା ୨୦ ଏବଂ ୨୧ରେ ଅନୁଷ୍ଠିତ ହେବ। ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ୨୫ ତାରିଖ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଜାତୀୟ ଭୋଟର ଦିବସର ଥିମ୍ ହେଉଛି ‘ମତଦାନର ନାହିଁ ବିକଳ୍ପ, ଭୋଟ ମୁଁ ନିଶ୍ଚୟ ଦେବି କଲି ସଂକଳ୍ପ।’ ଜାତୀୟ ଭୋଟର ଦିବସକୁ ଉପଖଣ୍ଡ ଓ ଜିଲ୍ଲା ସ୍ତରରେ ସୂଚାରୁ ରୂପେ ଆୟୋଜନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସହକାରୀ ଜିଲ୍ଲାପାଳ (ନିର୍ବାଚନ ଶାଖା) ସୁଶାନ୍ତ ନାଏକ, ବିଜୁ ଜନତା ଦଳର ଜିଲ୍ଲା ଯୁବ ସମ୍ପାଦକ ସେନାପତି ନାଏକ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ଭାରତୀୟ ଜାତୀୟ କଂଗ୍ରେସ ଦଳର ଜିଲ୍ଲା ଉପସଭାପତି ଉଚ୍ଛବ ସାହୁଙ୍କ ସମେତ ଆମ ଆଦମୀ ପାର୍ଟି ଓ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ‘ହିନ୍ଦୀ ସ୍ୱତନ୍ତ୍ର ଆସନର ଅଧିକାରୀ’



**ଭବାନୀପାଟଣା, ୧୦।୧(ସମିସ):** ଭବାନୀପାଟଣା ସ୍ଥିତ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ହିନ୍ଦୀ ଦିବସ ପାଳନ ହୋଇଯାଇଛି। ଏଥିରେ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରିଥିଲେ। ହିନ୍ଦୀ ଭାଷା ହେଉଛି ଏକ ସମୃଦ୍ଧ ଭାଷା। ଏହା ଭାରତର ରାଷ୍ଟ୍ରଭାଷା ଭାବରେ ସ୍ୱତନ୍ତ୍ର ଆସନର ଅଧିକାରୀ। ହିନ୍ଦୀ ଭାଷାର ସାର୍ବଜନୀନତା ଏହାକୁ ବିଶ୍ୱ ଦରବାରରେ ପରିଚିତ କରାଇବ ବୋଲି କୁଳପତି ଡ଼. ନାଥ ନିଜ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସୁଶ୍ରୀ ବର୍ଷା କୁଶଲିଆ ଓ ଗ୍ଲୋରୀ ସୁନାନୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସ୍ନାତକ ହିନ୍ଦୀ ଭାଷା ଓ ସାହିତ୍ୟ ବିଭାଗର ବିଭାଗ ମୁଖ୍ୟ ଡୋଳାମଣି ଧରୁଆ ମଞ୍ଚାସୀନ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। କୁଳସଚିବ ପିତାମ୍ବର ଭୋଇ ହିନ୍ଦୀ ଭାଷାର ଉପଯୋଗିତା ଓ ଗୁରୁତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ହିନ୍ଦୀ ଭାଷାର ବ୍ୟାବହାରିକ ଦିଗ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ହିନ୍ଦୀ ବିଭାଗର ଅଧ୍ୟାପକ ଗୋବିନ୍ଦ ନାଏକ ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଉପେନ୍ଦ୍ର ପଧାନ ହିନ୍ଦୀ ଭାଷା ଓ ସାହିତ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଶ୍ୱ ହିନ୍ଦୀ ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ହିନ୍ଦୀ ବିଭାଗର ଛାତ୍ରୀ ସୁଶ୍ରୀ ପୁଣ୍ୟତୋୟା ପଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

**ବୀରମହାରାଜପୁର:** ବୀରମହାରାଜପୁର ଉପକଣ୍ଠ ଭଙ୍ଗାମୁଣ୍ଡାସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନରେ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପଙ୍କଜ ଖମାରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ହରିହର ସିଂହ ବାବୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନରେନ୍ଦ୍ର ବାରିକ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ‘ରାଷ୍ଟ୍ର ଭାଷା ହିନ୍ଦୀ ହମାରେ ଏକ ପହେଚାନ’ ଶୀର୍ଷକ ଉପରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନୀଳିମା ପଧାନ ପ୍ରଥମ, ତ୍ରିଲୋଚନ ପେରା ଦ୍ୱିତୀୟ, ପ୍ରିୟଙ୍କା ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ହିନ୍ଦୀ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପାଠାଗାରର ହିନ୍ଦୀ ବିଭାଗକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଶିକ୍ଷକ ମୀନକେତନ ମେହେର ଓ ରଣମୋହନ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଯୁଧିଷ୍ଠିର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ୟୁଜି ଏବଂ ପିଜି ପରୀକ୍ଷା ଫଳ ପ୍ରକାଶିତ

**ନୂଆପଡ଼ା, ୧୦।୧(ସମିସ):** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ୟୁଜି ୫ମ ସେମିଷ୍ଟାର ଏବଂ ପିଜି ୩ୟ ସେମିଷ୍ଟାର ପରୀକ୍ଷା ଫଳ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠାନିକ ଭାବେ ପ୍ରକାଶିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତଦୁଇ ଅଧ୍ୟକ୍ଷ ଡ. ରଣବୀର ସିଂ, ପରୀକ୍ଷା ନିୟନ୍ତ୍ରଣ ଅଧିକାରୀ ଅଧ୍ୟାପକ ସୁନୀଲ ପାଢ଼ୀ, ପରୀକ୍ଷା ଉପ ନିୟନ୍ତ୍ରକ ଅଧ୍ୟାପକ ରାଜ କୁମାର ରତେ, ପରୀକ୍ଷା ସହ ନିୟନ୍ତ୍ରକ ଅଧ୍ୟାପକ ଶୁଭେନ୍ଦୁ ରଞ୍ଜନ ନିଆଲ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଚିତ୍ତରଞ୍ଜନ ଜେନା, ପ୍ରୋଗ୍ରାମର ସୂର୍ଯ୍ୟକାନ୍ତ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶନରେ ଇତିହାସ ସୃଷ୍ଟି କରିଥିବା ଦିଗରେ ନିଜ ନିଜର ମତାମତ ପ୍ରକାଶ କରିଥିଲେ। ୟୁଜି କଳାରେ ୮୭ ଶତକଡ଼ା, ବିଜ୍ଞାନରେ ୯୦ ଶତକଡ଼ା ଓ ବାଣିଜ୍ୟରେ ୬୦ ଶତକଡ଼ା ପାସ୍ ହୋଇଥିବାବେଳେ ପିଜିରେ ରସାୟନ ବିଜ୍ଞାନ, ହିନ୍ଦୀ ଓ ରାଜନୀତି ବିଜ୍ଞାନରେ ଶତ ପ୍ରତିଶତ ପାସ୍‌ହାର ଥିବାବେଳେ ଓଡ଼ିଆ ବିଭାଗରେ ୯୬ ଶତକଡ଼ା ପାସ୍‌ହାର ରହିଛି। ପରୀକ୍ଷା ହେବାର ୪୫ ଦିନ ପୂର୍ବରୁ ଫଳ ପ୍ରକାଶିତ ହେବା ବାସ୍ତବିକ ଛାତ୍ରଛାତ୍ରୀଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତର ବାହକ ଅଟେ। ଏଥି ନିମନ୍ତେ ଅଧ୍ୟକ୍ଷ ଶ୍ରୀ ପଣ୍ଡା, ପରୀକ୍ଷା ନିୟନ୍ତ୍ରକ ଏବଂ ସହଯୋଗୀଙ୍କୁ ସମସ୍ତ ଛାତ୍ରଛାତ୍ରୀ, ଖଡ଼ିଆଳ ବାସିନ୍ଦା, ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ପୁରାତନ ଛାତ୍ର ଲଗାଇଲେ ଆକ୍ୱାଗାର୍ଡ

ହରଭଙ୍ଗା, ୧୦।୧(ସମିସ): ହରଭଙ୍ଗା ବ୍ଲକ ପୁରୁଣାକଟକ ହାଇସ୍କୁଲର ୧୯୭୯ ବ୍ୟାଚର ପୁରାତନ ଛାତ୍ରମାନେ ପିଲାମାନଙ୍କ ପାଇଁ ଏକ ଆକ୍ୱାଗାର୍ଡ ପ୍ରଦାନ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମାଲିକଙ୍କ ଉପସ୍ଥିତିରେ ଏହାକୁ ଇନଷ୍ଟଲ କରାଯାଇଛି। ପୁରାତନ ଛାତ୍ର ମହେଶ ଅଗ୍ରୱାଲା, ରାଜ କିଶୋର ଅଗ୍ରୱାଲା, ଉମେଶ ସେଠୀ, ଦଶରଥ ସାହୁ, ସତ୍ୟନାରାୟଣ ଦେହୁରୀ, ମଧୁ ଦେହୁରୀ, ଶିଶିର ଘୋଷ, ସୁଦାମ ପ୍ରଧାନ, ସତ୍ୟନାରାୟଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପିତ



**ଭବାନୀପାଟଣା, ୧୦।୧(ସମିସ):** ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶୋଭାଯାତ୍ରା ଓ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉଦଯାପନୀ ସଭାରେ ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା ସଭାପତିତ୍ୱ କରି ସମ୍ପ୍ରତି ପ୍ରବାସୀ ଭାରତୀୟଙ୍କ ଦେଶର ଉନ୍ନତିରେ କିପରି ଭୂମିକା ରହିଛି ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଧୀରେଶ ଚନ୍ଦ୍ର ନନ୍ଦ ଏହି ଦିବସ ପାଳନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିବାବେଳେ କାର୍ଯ୍ୟକ୍ରମର ସଂଯୋଜିକା ଡ. ରାଧାରାଣୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ନୋଡାଲ ଅଧିକାରୀ ଡ. ସୁରେଶ୍ୱରୀ ବାଘ ଏହି ଦିବସ ପାଳନର ବିଭିନ୍ନ ଉଦ୍ଦେଶ୍ୟ ସମ୍ବନ୍ଧରେ କହିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## କନ୍ଧମାଳ ପଞ୍ଚାୟତ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର



ଶଗଡ଼ା, ୧୦।୧(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳସ୍ଥିତ ପଞ୍ଚାୟତ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବସନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ନିର୍ମଳା ଭୋଇଙ୍କ ପରିଚାଳନାରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟାପକ ଦେବଦାସ ମହାପାତ୍ର, ବସନ୍ତ ଖଟୁଆ, ପୌଲସ୍ତୀ ପ୍ରଧାନ, ଅଧ୍ୟାପିକା ଶ୍ୱେତପଦ୍ମା ମହାକୁଳ, ନନ୍ଦିନୀ ସାମନ୍ତରା ଯୋଗ ଦେଇଥିଲେ। ଛାତ୍ରୀମାନେ ନିଜକୁ ନିଜେ କିପରି ସୁରକ୍ଷିତ ମଣିବେ ଓ ତାର କୌଶଳର ଆବଶ୍ୟକତା ଉପରେ ଅତିଥିଗଣ ଟିପ୍ପଣୀ ରଖିଥିଲେ। ମାଷ୍ଟର ଟ୍ରେନର ପଞ୍ଚଦିନୀ ଜାନୀ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର କୌଶଳ ଶିଖାଇଥିଲେ। ଅଧ୍ୟାପିକା ହରିସ୍ମିତା ତାଣ୍ଡିଆ ଧନ୍ୟବାଦ ଦେଇଥିଲେ।

## ଲକ୍ଷ୍ମୀପ୍ରସାଦ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ଶଗଡ଼ା, ୧୦।୧(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଶୁଣ୍ଠିପଦର୍ ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଦିବସରେ ବରିଷ୍ଠ ଶିକ୍ଷକ ମନୋଜ ସାହୁ ଓ ଡେପୁଟେସନରେ ଆସିଥିବା ଯୋଗିନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ମୁକୁନ୍ଦ ସାହୁଙ୍କ ତତ୍ତ୍ୱାବଧନରେ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ଶୁଣ୍ଠିପଦର ପଞ୍ଚାୟତ ସରପଞ୍ଚ ସୁଜାତା ଭୋଇ, ସମବାୟ ସମିତି ସମ୍ପାଦକ ଲାଲ ବିହାରୀ ବଗର୍ତ୍ତି, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁଶାନ୍ତ ପାତ୍ର ଓ ଅଞ୍ଚଳ ବିଶିଷ୍ଟ ବ୍ୟକ୍ତି ଗଣେଶ ଗିରି ପ୍ରମୁଖ ଯୋଗ ଦେଇଥିଲେ। ୪୩ଟି ପ୍ରତିଯୋଗିତାରେ ୨ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ବରିଷ୍ଠ ବର୍ଗରେ ଛାତ୍ର ଫିରୋଜ କଲତା ଓ ଛାତ୍ରୀ କମଳିନୀ ମହାନନ୍ଦ ଚାମ୍ପିଅନ ହୋଇଥିଲେ।

## ବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ତରଭା, ୧୦।୧(ସମିସ): ତରଭା ବ୍ଲକ ମେଣ୍ଡା ମହର୍ଷି ବୁଦ୍ଧାରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ୍ୟ ରଘୁରାଜ ସିଂ ସେନାପତିଙ୍କ ସଭାପତିତ୍ୱରେ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖମ୍ବେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ନାରାୟଣ ନାଏକ ଓ ଅଧ୍ୟାପିକା ପ୍ରୀତି ମହାପାତ୍ର, ଅଧ୍ୟାପକ ଅରୁଣ ପାଢ଼ୀ, ଜିତେନ୍ଦ୍ରୀୟ ତ୍ରିପାଠୀ, ଆନନ୍ଦ ସାହୁ ଓ ସାଗରୀକା ସିଂ ପ୍ରମୁଖ ଯୋଗଦେଇଥିଲେ। ଯୁବ ରେଡ୍‌କ୍ରସ କାଉନସିଲର ଅକ୍ଷୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରବିବାର ଆଦିବାସୀ ସଂସ୍କୃତିର ପର୍ବ ‘ଟୋକିମରା’

● ଥୁଆମୂଳ ରାମପୁର ବ୍ଲକ୍‌ର ୪ ସ୍ଥାନରେ ପଡୁଛି ପର୍ବ

**ଥୁଆମୂଳ ରାମପୁର, ୧୦।୧(ସମିସ):** ଆଦିବାସୀ ସଂସ୍କୃତିର ଅନନ୍ୟ ପର୍ବ ଟୋକିମରା’ ପର୍ବ ରବିବାର ପାଳନ ହେବାକୁ ଯାଉଛି। ଏଥିପାଇଁ ଆଦିବାସୀ ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମବାସୀ ଏକତ୍ରିତ ହେବେ ନିର୍ଦ୍ଧାରିତ ଟୋକିମରା ପଡ଼ିଆରେ। ଚଳିତ ବର୍ଷ ଥୁଆମୂଳ ରାମପୁର ବ୍ଲକର ଟେଭାକଲମ, ଧୁଳିଗୁଡା, ରଣପୁର, ଚୁଲବାଡି ଗ୍ରାମରେ ଏହି ପର୍ବ ପାଳନ କରାଯିବ। ଏଥିପାଇଁ ଏସବୁ ଗ୍ରାମର ଗୁଡିଘର ଗୁଡିକ ନୂତନ ରଙ୍ଗରେ ସଜେଇବା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇସାରିଛି। ପ୍ରତ୍ୟେକ ଗ୍ରାମର ଜାନୀ ଦିଶାରୀଙ୍କ ଘରେ ଥିବା ଟାଙ୍ଗିକୁ ବାହାର କରି ଗ୍ରାମର ଦେବତା ଗୁଡିରେ ସ୍ଥାପନ କରାଯାଇଛି। ସେଇ ଟାଙ୍ଗିକୁ ପାରମ୍ପରିକ ବାଦ୍ୟ ବଜାଇ ଗ୍ରାମର ସମସ୍ତଙ୍କ ଘରେ ପୂଜାର୍ଚ୍ଚନା ପାଇଁ ନିଆଯାଇଥିଲା। ରାତିରେ ଆଦିବାସୀ ମାନେ ଏକତ୍ରିତ ହୋଇ ପାରମ୍ପରିକ ବାଦ୍ୟ ବଜାଇ ଗ୍ରାମର ଟାଙ୍ଗି ନେଇ ନିକଟସ୍ଥ ପର୍ବ ପଡୁଥିବା ଗ୍ରାମର ପଡ଼ିଆରେ ପହଞ୍ଚିବେ। ତେବେ ଗ୍ରାମରେ ସୁଖ ଶାନ୍ତି ବଜାୟ ରହିବା ସହିତ ବିଭିନ୍ନ ରୋଗ ବ୍ୟାଧିରୁ ସୁରକ୍ଷା ମିଳିବ ବୋଲି ବିଶ୍ୱାସ ରହିଆସିଛି। ତେବେ ଯେଉଁ ଗ୍ରାମରେ ଏହି ପର୍ବ ପଡୁଛି ସେଠାରେ ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ବୀରମହାରାଜପୁରରେ ବ୍ୟାପକ ଖଣି ଲୁଟ୍

● ବର୍ଷିଲେ ବିଜେଡି ନେତା



**ବୀରମହାରାଜପୁର, ୧୦।୧(ସମିସ):** ବୀରମହାରାଜପୁର ଉପାନ୍ତ ଅଞ୍ଚଳରେ ବ୍ୟାପକ ଖଣି ଲୁଟ ଚାଲିଥିବାବେଳେ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ ଥିବା କହିଛନ୍ତି ବିଜେଡି ନେତା। ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ ସାମ୍ବାଦିକ ସମ୍ମିଳନୀ କରି ବିଜେପି ସରକାର ବିରୋଧରେ ଗର୍ଜିଛନ୍ତି ବିଜେଡି ସୁବର୍ଣ୍ଣପୁର ଜିଲ୍ଲା ଉପ ସଭାପତି କିଶୋର ହୋତା। ବୀରମହାରାଜପୁରର ବହଲପଦର, ଖଇରମାଲ ଓ କେନ୍ଦୁଝରିଆପାଲି ଅଞ୍ଚଳରେ ପ୍ରବଳ ଖଣି ଲୁଟ ହେଉଥିବାବେଳେ ମାଇନିଂ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ଗତ ଦୁଇଦିନ ତଳେ ବେଆଇନ୍ ଖଣି ଲୁଟ୍‌କୁ ଚଢ଼ଉ କରି ଚେନ୍ ମାଉଣ୍ଟିଂକୁ ଜବତ କରିଥିବାବେଳେ ସେହି ଗାଡ଼ି କୁଆଡ଼େ ଗଲା ତାହା ସ୍ପଷ୍ଟ କରିନାହାନ୍ତି ଖଣି ଅଧିକାରୀ। ବିଜେପି ସରକାର ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ବେଳେ ସବୁ ଓଲଟା କାମ କରିଥିବା କଥା କହିଛନ୍ତି କିଶୋର। ଗତ ସେପ୍ଟେମ୍ବରରୁ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ବ୍ୟାପକ ଖଣି ଲୁଟ୍ ହେବା ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି ସରକାର। ବେଆଇନ୍ ଖଣି ଲୁଟକୁ ବନ୍ଦ କରିବା ସହ ଖଣି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ହୋତା ଦାବି କରିଛନ୍ତି।

ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଯାପିତ

# ଲୋକ ଗୀତ ଓ ନୃତ୍ୟରେ ଝୁମିଲେ ଦର୍ଶକ




**ସୋନପୁର, ୧୦।୧(ସମିସ):**

ଜାନୁଆରୀ ୬ରୁ ୧୦ ତାରିଖ ଯାଏଁ ଚାଲିଥିବା ପାଞ୍ଚଦିନିଆ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଶୁକ୍ରବାର ଉଦ୍‌ଯାପିତ ହୋଇଛି ସତ ହେଲେ ବହୁ ସ୍ମୃତି ବହନ କରୁଛି ଏହି ଉତ୍ସବ। ରାମେଶ୍ୱର ଷ୍ଟାଡିୟମର ଫକୀର ପଟ୍ଟନାୟକ ଖୋଲା ମଞ୍ଚ ରସରସିଆ ନୃତ୍ୟଗୀତରେ ପାଞ୍ଚ ଦିନ ଧରି ଦୁଲୁକି ଯାଇଥିଲା। ଫକୀର ପଟ୍ଟନାୟକ ଖୋଲା ମଞ୍ଚରେ ଦୀର୍ଘ ପାଞ୍ଚ ଦିନ ବ୍ୟାପୀ ବିଭିନ୍ନ ମନମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜସ୍ଥାନ, ଆସାମ, ପଞ୍ଜାବ ଓ ମଣିପୁର ରାଜ୍ୟର କଳାକାରଙ୍କ ସହ ଆମ ରାଜ୍ୟର ବିଭିନ୍ନ ଜିଲ୍ଲାର କଳାକାରମାନେ ନୃତ୍ୟଗୀତ ପରିବେଷଣ କରିଛନ୍ତି। ମଞ୍ଚରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରଙ୍କ ରସରସିଆ ନୃତଗୀତ ଦେଖି ଦର୍ଶକମାନେ ଉଲ୍ଲସିତ ହୋଇଯାଇଛନ୍ତି। ସୁବର୍ଣ୍ଣ ଲୋକ ମହୋତ୍ସବର ଶେଷ ସନ୍ଧ୍ୟାରେ ଅନୁଷ୍ଠିତ ପାରମ୍ପରିକ ନୃତ୍ୟଗୀତରେ ଦର୍ଶକମାନେ ଝୁମି ଯାଇଥିଲେ। ସୋନପୁର ପର୍ଏଁରୀର ଜାମୁଁଡାଳି ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାସହ ମଣିପୁରୀ ନୃତ୍ୟ ଦଳ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ। ମାଲଖମ ନୃତ୍ୟ ଏବଂ ମଣିପୁରର କଳାକାର ମଣିପୁରୀ ପରିବେଷଣ କରିଥିଲେ। ଅଙ୍କିତ ରାୟ ଏବଂ ସାଥିଙ୍କ ଅର୍କେଷ୍ଟ୍ରା ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରି ଦେଇଥିଲା। ପ୍ରାରମ୍ଭରେ ସ୍ଥାନୀୟ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ଅବସରରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଅନ୍ୟା ଦାସ, ଏସ୍‌ପି ରାମପ୍ରସାଦ ସାହୁ, ଜିଲ୍ଲା ପରିଷଦ ସିଡିଓ ଅଶ୍ୱିନୀ ମେହେର ଓ ସୋନପୁର ଉପଜିଲ୍ଲାପାଳ ସ୍ୱର୍ଣ୍ଣସ୍ୱରୂପା ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

